

# ମାଟିର୍ ମହକ୍

ବଛର୍‌କିଆ ପତର୍-୨୦୧୮



ପଶ୍ଚିମ ଓଡ଼ିଶା ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନ-ଓସାକା, ହାଇଦ୍ରାବାଦ






ଓସାକା, ହାଇଦ୍ରାବାଦ ତରଫୁଁ ପ୍ରକାଶିତ

ବଛରକିଆ ପତର-୨୦୧୮

# ମାଟିର୍ ମହକ୍

ତା. ୩୦ ସେପ୍ଟେମ୍ବର ୨୦୧୮

*ପଶ୍ଚିମ ଓଡିଶାର୍ ଭାବ୍‌କେ ନେଇ... ଆସ ମନାମାଁ ନୂଆଁଖାଇ*


Western Odisha Social & Cultural Association (WOSACA), Hyderabad

ପଶ୍ଚିମ ଓଡିଶା ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନ୍ (ଓସାକା), ହାଇଦ୍ରାବାଦ

E-mail : wosaca.hyd@gmail.com

Facebook: Nuakhai Bhetghat- WOSACA Hyderabad

Website: www.wosacahyderabad.org

## Editorial

Padmanabha Padhan

Kumuda Ranjan Panda

Ramkrushna Barik

## Layout

Nabaneeta Publications, Balangir

## DTP

Santosh Kumar Rana

## Cover Design

NigamsNext

## Publisher

Western Odisha Social & Cultural Association (WOSACA), Hyderabad
(A Govt. Regd. Socio-cultural Association)
Telangana


ହୁଲ୍ହୁଲି ...... ଦୁଲ୍ଦୁଲି ....... ଗାଁ ଖୁଲି

# Nuakhai Bhetghat-2018, WOSACA, Hyderabad

## *Organizing Committee*

*In Alphabetical Order*

- Ajit Pradhan
- Ananta Biswal
- Ashim Kumar Dhar
- Ashok Kumar Sahu
- Ashwini Meher
- Balaram Majhee
- Bhabendra Pradhan
- Bighnaraj Meher
- Bignesh Sahu
- Bineet Mishra
- Dr Bivudutta Mishra
- Debendra Samal
- Iswar Kumbhar
- Jayanta Mahanta
- Jimut Hota
- K Tamanna
- Khageswar Sa
- Kishor Meher
- Krushna Kumbhar
- Krushna Sahu
- Kulamani Sahu
- Kumuda Ranjan Panda
- Dr Lekha Charan Meher
- Mahesh Das
- Manoj Pradhan
- Smt Meenakshi Kuanr
- Neelanchal Pradhan
- Padmanabha Padhan
- Pinaki Chaudhri
- Dr Pardeep Panigrahi
- Prasanta Kumar Meher
- Rajesh Mahapatra
- Ramakanta Dhar
- Ramkrushna Barik
- Sameer Padhee
- Sandeep Panigrahi
- Shankarsan Sahu
- Shastry Nookala
- Siddharth Priyadarshi
- Sudhanshu Tripathy
- Sujit Kumar Mishra
- Sunil Kumar Gadtia
- Tushar Ranjan Panda

**ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ**
**ମାନ୍ୟବର ମନ୍ତ୍ରୀ (ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ) ଓଡିଶା**

# ବାର୍‌ତା



ଓସାକା, ହାଇଦ୍ରାବାଦ୍ ତରୁଫଁ ୩୦ ସେପ୍ଟେମ୍ବର ୨୦୧୮ ଦିନ ନୂଆଁଖାଇ ଭେଟଘାଟ ମନଉଥିବାର ଜାନିକରି ବହୁତ ଖୁସି ଲାଗ୍‌ଲା । ଆମର କଲା ସଂସ୍କୃତିର ବାହାରେ ପ୍ରଚାର ପ୍ରସାର ସାଙ୍ଗେ ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର ଲାଗି 'ଓସାକା' ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ଆଏ ।

ଇ ବଛର ନୂଆଁଖାଇ ଭେଟଘାଟ ଥିଁ 'ମାଟିର ମହକ' ପତ୍ରିକା ଟେ ବି ପ୍ରକାଶିତ ପାଉଥିବାରଟା ଖୁସିର କଥା ଆଏ । ନୂଆଁଖାଇ ଭେଟଘାଟ ଲାଗି 'ଓସାକା' ର କର୍ମକର୍ତା ତଥା ହାଇଦ୍ରାବାଦ ନେ ରହୁଥିବାର ପଶ୍ଚିମ ଓଡିଶାର ପରିବାର ମାନକୁ ଅନେକ ଅନେକ ଶୁଭକାମନା ।

(ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ)

**Nagendra Kumar Pradhan**
**("Member of Parliament", Lokh Sabha, Sambalpur)**

# Message



Thanks for the Celebration of Nuakhai by Western Odisha Social & Cultural Association (WOSACA) at Hyderabad every year. This Celebration is bringing togetherness amongst the people of Western Odisha who are staying in Hyderabad.

Keep it up & all the best for the success of the programme.

**(Nagendra Kumar Pradhan)**

## ଶ୍ରୀ ରବିନାରାୟଣ ନାଏକ

ବିଧାୟକ, କୁଚିଣ୍ଡା

# ବାର୍ତ୍ତା



ହାଇଦ୍ରାବାଦରେ ଥିବାର ଆମର ପ୍ରବାସୀ ପଶ୍ଚିମ ଓଡିଶାବାସୀ ନୂଆଁଖାଇ ଭେଟଘାଟ ମନଉଥିବାର ଜାନିକରି ବଡା ଉସତ ଲାଗଲା । ଆମର ମାଟିର କଲା ସଂସ୍କୃତିକେ ପଶ୍ଚିମ ଓଡିଶା ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନ 'ଓସାକା' ବାଲେ ହାଇଦ୍ରାବାଦନେ ପ୍ରଚାର ପ୍ରସାର ଦେଖିକରି ଗୁର୍‌ଦୁ ଗହକି ଲାଗୁଛେ । 'ନୂଆଁଖାଇ' ପଶ୍ଚିମ ଓଡିଶାର ସିଘା ପରବ ଆଏ । ଇତାର ମହକ ଆଏଜ୍‌କାଲି ଚାରିଆଡେ ଫଏଲି ବସଲାନ । ଆମର ନାଚ ଗାନାର୍ ଗୁର୍‌ଦୁଟେ ଆଦର ବଢୁଛେ । 'ନୂଆଁଖାଇ ଭେଟଘାଟ' ଆମର ମାଟିର କଲା ସଂସ୍କୃତି ଦେଖାବାର ଲାଗି ଗୁଟେ ବଢିଆଁ ମଁଚାନ ଆଏ । ଆମର ନୂଆଁଖାଇ ଗୁଟେ ଏନ୍‌ତା ନିଆରା ପରୁହାଁ ତିହାର ଆଏ ଯେନ କି ଆଧ୍ୟାତ୍ମିକ ନୁଁ ନେଇକରି ସାମାଜିକ ଚେତ୍‌ନା ଆଏସି, ସାମାଜିକ ସଦ୍‌ଭାବ୍ ବଢ଼ସି । ଏନ୍‌ତା ଜୁହାରି ଭେଟ୍ ଆରୁ କେନ୍‌ଠାନେ ଦେଖିବାରକେ ନାଇଁ ମିଲେ ।

'ଓସାକା' ତରଫୁଁ ଇ ବଛର ୩୦ ସେପ୍ଟେମ୍ବର ୨୦୧୮ ରେ ନୂଆଁଖାଇ ଭେଟଘାଟ ଥିଁ 'ମାଟିର୍ ମହକ୍' ପତ୍ରିକା ପ୍ରକାଶିତ ହେବାର ଜାନିକରି ଖୁସି ଲାଗଲା । 'ଓସାକା' ହାଇଦ୍ରାବାଦ ର ନୂଆଁଖାଇ ଭେଟଘାଟ ଲାଗି ହେନ ରହୁଥିବାର୍ ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କୁ ଶୁଭକାମନା ।

(ଶ୍ରୀ ରବିନାରାୟଣ ନାଏକ)

## ପଦ୍ମଶ୍ରୀ ଲୋକକବି ରତ୍ନ ହଲଧର ନାଗ
### ଘେଁସ, ଜି-ବରଗଡ

# ବାର୍‌ତା



ଓସାକା, ହାଇଦ୍ରାବାଦ୍ ତରୁଫଁ ନୁଆଁଖାଇ ଭେଟ୍‌ଘାଟ୍ ପାଲନ ଉଧେଁ ସ୍ମରଣିକା **"ମାଟିର୍ ମହକ୍"** ବାହାରୁଥିବାର୍ ଜାନିକରି ମତେ କେତିନି କେତେ ଗହଗହ ଲାଗୁଛେ ।

ମାଁ, ମାଏଟ୍ ଆର୍ ମାତୃଭାସା ମୁନୁସ୍ ଲାଗିଁ କେଡ୍‌ନି କେଡେ କଥା ଆଏ । ଆମର୍ ପରିବାର୍ ମାନେ ବାହାରେ ରହି ନିଜର୍ ମାଁ ମାଏଟ୍‌କେ ଅପନଉଛନ୍ । ନିଜର୍ ମାଏଟ୍‌ନୁଁ ଧୁରିଆ ରହୁଥିବାର୍ ଲାଗିଁ ଗୁଟେ ମାଁର୍ ଛୁଆ ଲେଖେଁ ବାହାରେ ରହୁଥିବାର୍ ମୁଇଁ ଦେଖିଛେ । ନିଜର୍ ସ୍ୱାଭିମାନ, ପରମ୍ପରା, ସଂସ୍କୃତିକେ ବଅଁଚେଇ କରି ବନେ ଉଦ୍‌ଯୋଗ୍ କରୁଛନ୍ ସେମାନେ । ନୁଆଖାଇ ଭେଟଘାଟ କାର୍ଯ୍ୟକ୍ରମ୍‌ର ଆୟୋଜକ୍, ସଂଗଠନର ସକ୍ରୀୟ କର୍ମକର୍ତା ଆରୁ ହ୍ରାଇଦ୍ରାବାଦ ନ ରହୁଥିବାର ସବୁ ପଶ୍ଚିମ ଓଡିଶା ବାସିକୁଁ ଅଭିନନ୍ଦନ ଜନଉଛେଁ । କାର୍ଯ୍ୟକ୍ରମ୍ ସଫଲ ହେଉ ବୋଲି ମାଁ ସମଲେଇ ଠାନେ ମୋର୍ ବିନତି ।

ହଲ୍‌ଧର୍ ନାଗ

(ପଦ୍ମଶ୍ରୀ ଲୋକକବି ରତ୍ନ ହଲଧର ନାଗ)

**ସବ୍ୟସାଚୀ ମହାପାତ୍ର**
ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ, ନିର୍ମାତା ଏବଂ ଲେଖକ

# ବାର୍ତ୍ତା



ହାଇଦ୍ରାବାଦେ ନେ ଥିବାର ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କର ଅନୁଷ୍ଠାନ 'ଓସାକା' ଇ ବଛର ୩୦ ସେପ୍ଟେମ୍ବର ୨୦୧୮ ଦିନ ସିକନ୍ଦରାବାଦର ଜୋରାଷ୍ଟ୍ରିଏନ କ୍ଲବ ଠାନେ ନୂଆଁଖାଇ ଭେଟଘାଟ ମନଉଥିବାର ଜାନିକରି ବଡା ଖୁସି ଲାଗଲା । ଗଲା ବଛର ମୁଇଁ ନିମନ୍ତ୍ରିତ କୁନୁଆଁ ଭାବେ ଯାଇକରି ଦେଖଲିଁ ଯେ 'ଓସାକା' ବାଲେ ଖାଂଟି ପଶ୍ଚିମ ଓଡିଶାର ସଂସ୍କୃତିକେ ନେଇକରି ନୂଆଁଖାଇ ଭେଟଘାଟ ମନଉଛନ । ଭୁଗ୍‌ଲି ଟୁପ୍‌ଲି ଥିଁ ଗିଫ୍‌ଟ ଦେବାରଟା ଦେଖିକରି ବଡା ଉସତ ଲାଗଲା । ସବୁନୁ ଗୁଟେ ନୂଆଁ କଥା ଦେଖିଲି ଯେ ଆମର ଆଡର ବାଗିର୍ ତଲେ ବସିକରି ନୂଆଁଖାଏବାରଟା । ମୁଇଁ ଯେତେ ନୂଆଁଖାଇ ଭେଟଘାଟ କେ ଯାଇଛେଁ ଏନ୍ତା ତଲେ ବସିକରି ନୂଆଁଖାଏବାରଟା ନାଇଁ ଦେଖିଥାଇଁ । 'ଓସାକା' ବାଲେକର ଏନ୍‌ତା ଉଦ୍ୟମ ଲାଗି ଗୁର୍‌ଦୁଟେ ଧନ୍ୟବାଦ୍ । ପୁରା ଘରର ମାହୋଲଥି ସେଟା ଫେର ଗୁଟେ ପରିବାର ଲେଖେଁ ନୂଆଁଖାଇ ଭେଟଘାଟ ମନାବାର ଟାକେ ମୁଇଁ ବାହାରେ ପହେଲା ହେଇକରି ଦେଖଲିଁ । ଏନ୍‌ତା ଆମର ମୂଲ୍ ସଂସ୍କୃତିକେ ଧରି ରଖିକରି ସବୁ ବଛର ନୂଆଁଖାଇ ଭେଟଘାଟ ମନାବାର୍ ଲାଗି 'ଓସାକା' ବାଲେକୁ ଅନୁରୋଧ ।

ଇ ବଛର ଫେର ନୂଆଁଖାଇ ଭେଟଘାଟ ଥିଁ 'ମାଟିର ମହକ' ବଲି ଗୁଟେ ପତ୍‌ରିକା ବାହାର କରୁଥିବାର ଜାନିକରି ଗୁର୍‌ଦୁଟେ ଗହକି ଲାଗୁଛେ । ପଶ୍ଚିମ ଓଡିଶାର ସାମାଜିକ ଆର୍ ସାଂସ୍କୃତିକ ଅନୁଷ୍ଠାନ (ଓସାକା) ହାଇଦ୍ରାବାଦ ଆରୁ ହାଇଦ୍ରାବାଦ ନେଁ ଥିବାର ଆମର ଲୋକମାନକୁ ଅନେକ ଅନେକ ଶୁଭକାମନା ।



(ସବ୍ୟସାଚୀ ମହାପାତ୍ର)



# 'ମାଟିର୍ ମହକ୍' ଲାଗି ପଦେ...

ଯିଏବି ଯେନ ଥାଉଁ ମାଟିକେ ମହକଉ ଥାଉଁ । ଆମର ମାଟିର ମହକ ଯେତେ ଫଏଲିବା ମାଟିର ମାନ୍ ସେତେ ବଢବା । ଆମର ମାଟିର ଲାଗି ଲାଗୁଁ, ମାଁ ମାଟିର ହେଇକରି ରହୁଁ, ମାଟିର ସ୍ୱାଭିମାନ ରଖୁଁ, ମାଁ ମାଏଟ୍‌କେ ଭଲ ପାଉଁ, ତାର ସେବାଥିଁ ଯୋଗ୍‌ଦାନ ଦଉଁ । ଇଥିର୍ ଲାଗି ଆମକୁ ମାଏଟ ସାଁଗେ ମାଏଟ୍ ହେବାର୍‌କେ ପଡବା, ଆମର ମାଏଟ୍ କେ ଜାନ୍‌ବାର କେ ପଡବା, ଚିହ୍ନବାର୍‌କେ ପଡବା, ଭଲ ପାଏବାର କେ ପଡବା ।

ଆମର ମାଏଟ୍ ଥିଁ ଧନ ଦରବ, ଖଣିଁଖାଦାନ, ଝାର ଜଙ୍ଗଲ, ନଏଦ୍ ନାଲା କେତ୍‌ନି କେତେ ଭରିଛେ । ଆମର ପଶ୍ଚିମ ଓଡିଶା ରତ୍ନଗର୍ଭା ଆଏ । କଲା-ସଂସ୍କୃତିର ଭଁଡାର ଆଏ । ଆମର କଲା ସଂସ୍କୃତିକେ ଜାନ୍‌ବାର୍ କେ ହେବା । ଆମର ମାଏଟ୍‌କେ ନାଇଁ ଜାନିକରି, ନାଇଁ ବୁଝିକରି ଖାଲି Google କି YouTube ଥିଁ ଖୁଜି ବସ୍‌ମାଁ ବଏଲେ ସବୁ ନାଇଁ ମିଲେ, ବହୁତ କିଛି ଜାନି ବି ନାଇଁପାରୁ । କାଏଁଜେ କି ଆମର ଗାଁ ଗହଲି ଥିଁ ଯେନ୍ କଲା ରହିଛେ, ସେନ୍‌କେ ଆମର ମାଟିକେ ପ୍ରକୃତ ଭଲ ପାଉଥିବାର ଲୋକ ନାଇଁ ପହଁଚି ପାର୍‌ବାର୍, ଯିଏବି ପହଁଚିଛନ୍ ସେଥିରୁ ଫେର କମ୍ ଲୋକ ବୁଝି ପାରିଛନ୍, ଫେର ସେଟାକେ ବୁଝିକରି ଜନାବାର ଲୋକ ଆହୁରି କମ୍ ଅଛନ୍ । ମାଟିର ମହକ ଲାଗି ଆମେ କିଛି କିଛି ସମିଆଁ ଦେଇ କରି ଲୁଚିଯଉଥିବାର, ମେଟି ଯଉଥିବାର କଲା-ସଂସ୍କୃତିର ପ୍ରଚାର ପ୍ରସାର କର୍‌ତାଁ ଯଦି ଇତାର ମହକ ସାରା ବିଶ୍ୱରେ ଛାଇ ଯାଏତା । ଆମର ଲୋକ ମାନକର ସରଲତାର ଫାଏଦା ନେଇକରି, ଆମର ମାଏଟ୍‌କେ ନାଇଁ ବୁଝିକରି, ଉପ୍‌ରେ ଉପ୍‌ରେ ଭଲ ପାଏବାର୍‌ଟା ଦେଖେଇ କରି କିଛି ବାହାରିଆ/ଭିତ୍‌ରିଆ  ଲୋକ ଇତାର  ବେପାରି କରନ୍, ବଜାରି କରନ୍  କରି ଦେଲେନ ହେଲେ ପ୍ରକୃତ କଲାକାର୍ କେ ଫାଏଦା ନାଇଁ ମିଲବାର୍ ।

ଆମର ପଶ୍ଚିମ ଓଡିଶା ମାନେ ଐତିହାସିକ କୋସଲାଂଚଲର ଶିଘା ତିହାର ନୂଆଁଖାଇ ଗୁଟେ ନିଆରା ପରବ ଆଏ । କିଛି ବଛର ହେଲା ପଶ୍ଚିମ ଓଡିଶାର ବାହାରେ ବି ଭିନ୍ ଭିନ୍ ଜାଗାଥିଁ ନୂଆଁଖାଇ ଭେଟଘାଟ୍ ଆୟୋଜିତ ହଉଛେ । ହେଲେ ଧିରେ ଧିରେ କେତେ ଠାନେ ଆମର ନୂଆଁଖାଇର ଅସଲ ଭାବକେ ଅପହରଣ କରି ଗୁନ୍ଦଲେଇ କିନା ଛାଡିଦେବାର ଅପଚେଷ୍ଟା ବି ହେଲାନ । ନୂଆଁଖାଇ ଭେଟ୍‌ଘାଟ୍ ନେ ଆମର ମାଟିର୍ କଲା ସଂସ୍କୃତି ଥିଁ /ସାଂଗେ ଦୂସରା ବାହିର କଲା ସଂସ୍କୃତି ଭରିକରି ଆମର କଲା ସଂସ୍କୃତିକେ ସାକୁଁର କରିଦେବାର ହିନ୍ ପ୍ରୟାସ ଚାଲିଛେ । ଇଟା ଆମର ମାଟିକେ

ପ୍ରକୃତ ଭଲ ପାଉଥିବାର ଲୋକମାନକର ଲାଗି ଦୂରଦର୍ଶିତା ନୁହେଁସେ । କହେସନ 'ହାତ ପସଉ ପସଉ କୁହୁନି ପସଉ' । ଯେନ୍‌ତା ବିନ୍‌ମେଶିଆ/ନାଇଁ ମିଶ୍‌ଲା ରକତ୍ (Unmatched Blood) ମୁନୁଷକେ ମୁର୍ଦାର ବନେଇ ଦେସି, ହେନତା ମୂଳ ସଂସ୍କୃତିକେ ବାହାରିଆ ସଂସ୍କୃତି ଢୁକଲେ ସେଟା ବି ମୁରଝେଇ ଯାଏସି । ଆମର କାହାରିର ସଂସ୍କୃତିକେ ସମାଲୋଚନା/ବିରୋଧ କରବାର ନାଇଁନ କି ଛୋଟ ଭାବବାର ନାଇଁନ, ସଭେ ନିଜର ନିଜର ଠାନେ ଠିକ ଆନ୍ । ହେଲେ ଆମର ସଂସ୍କୃତିକେ କିଏ ହୀନ ନଜରରେ ଦେଖ୍‌ଲେ କି ଦେଖାଲେ ଆମର ସ୍ୱାଭିମାନକେ ବି ବଲି ଦେବାର୍ ନାଇଁନ, ଆମର କଲାର ଅବହେଲାକେ ସହେବାର ବି ନାଇଁନ । ଆମର ନୂଆଁଖାଇ ଭେଟଘାଟ୍ ଥିଁ ଯଦି ଆମର ମାଟିର କଲା ଦେଖାମା, ଆମର କଲାକାର ଉପକୃତ ହେବାର ସାଂଗେ ଆମର ମାଟିର ମହକ ବେଶୀ ବଢବା । ଏନ୍ତା ତିହାର ଥି ଦୂସରା ଟାକେ ମିଶାଲେ ବିନ୍‌ମେଶ୍‌ରି ରକତ ଦେଲା ବାଗିର ହେବା । ଯେନ୍ କଲା ଯେନ୍ ମଚାନ୍ ଥିଁ ଦେଖାବାର କଥା ସେଟା ସେନ ଦେଖାଲେ ଠିକ ଆଏ । ହେଥିର ଲାଗି 'ଓସାକା' ହାଇଦ୍ରାବାଦ ଆମର ପଶ୍ଚିମ ଓଡିଶା ମାଟିର କଲା ସଂସ୍କୃତିକେ ହିଁ ନୂଆଁଖାଇ ଥିଁ ସାମିଲ କରି ଇତାର ମହକ କେ ଆରୁ ମଗ୍‌ମଗାବାର ଲାଗି ସୁଯୋଗ ଦଉଛେ । ନୂଆଁଖାଇ ଭେଟ୍‌ଘାଟ୍ ଥିଁ ଯେତେବେଶୀ ଆମର ମାଟିର କଲା, କଲାକାର କେ ଫାଏଦା ମିଲିପାର୍‌ବା ସେଟା ଚେଷ୍ଟା କରାହଉଛେ । ସମ୍‌କୁ ଅନୁରୋଧ, ଆମର ସ୍ୱାଭିମାନ ରଖୁନ । ଅବଶ୍ୟ କିଛି ଅନୁଷ୍ଠାନ ଆମର ମାଟିର ସ୍ୱାଭିମାନ କେ ନାଇଁ ଭୂଲବାର, ବିନ୍ ମେଶିଆ ସଂସ୍କୃତି କେ ନୂଆଁଖାଇ ଭେଟଘାଟ ଥିଁ ସାମିଲ ନାଇଁକରବାର, ସେମାନଙ୍କୁ ଗୁର୍‌ଦୁଟେ ଧନ୍ୟବାଦ ।

ଆମର ଭାଷା ଖିଁଡ ମଧୁର ଆଏ । ଇଥିଁ କେତ୍‌ନି କେତେ ସାହିତ୍ୟ ସୃଷ୍ଟି ହେଲାନ । କମ୍ ସମିଆଁ ଭିତ୍‌ରେ ବି ଆମର 'ମାଟିର ମହକ' କେ ଜାନ୍‌ବାର ଲାଗି ଭଲ ଭଲ ଲେଖାମାନେ ଆସିଛେ । ଆମର ପଶ୍ଚିମ ଓଡିଶା ଥିଁ ଏତେ କଲା-ସଂସ୍କୃତି ଭରିଛେ ଯେ ମାତର୍ କିଛି ପୃଷ୍ଠାରେ ସବୁ ଜାନି ପାର୍‌ବାର୍‌ଟା ମୁସ୍କିଲ ଆଏ । ଆମର ସମ୍ୱଲପୁରୀ ଶାଢୀ ବିଶ୍ୱସୁନ୍ଦରୀ ମାନେ ବି ପିନ୍ଧୁଛନ, ସମ୍ୱଲପୁରୀ ନାଚ୍‌ଗାନା କେତ୍‌ନିଟେ ନାଁ କମେଇଛେ । ଆମର ନ କାଣା ଉନାଁ ଯେ ଆମେ ଫେର୍ ଉଧାର ଆନ୍‌ମା କାହାରନୁ! ସବୁତ ଆମ୍‌କୁ ପ୍ରକୃତି ଦେଇଛେ, ଆମର କୋସଲି ସଂସ୍କୃତି ମହାନ ଆଏ, ନିଆର ବି ଆଏ ।

ହୁଲ୍‌ହୁଲି... ଦୁଲ୍‌ଦୁଲି... ଗାଁଖୁଲି କେ ମନେରଖି, 'ପଶ୍ଚିମ ଓଡିଶାର ଭାବ୍‌କେ ନାଇ... ଆସ ମନାମା ନୂଆଁଖାଇ' ନାରା ଦେଇକରି 'ଓସାକା' ହାଇଦ୍ରାବାଦ ଆମର ମାଟିର୍ ସମ୍‌କୁ ଯୁଡବାର ଚେଷ୍ଟା ସାଂଗେ ସାଂଗେ ଆମର ମୂଳ ସଂସ୍କୃତି ଆରୁ ସମାଜର ବଢତି ଦିଗେ ପ୍ରୟାସ ଜାରି ରଖିଛେ । ଆସୁନ ସଭେ ସାମିଲ ହେଇ, ସହଯୋଗୀ / ସହଭାଗୀ ହେଇକରି ଆମର 'ମାଟିର ମହକ' ଥିଁ ସମ୍‌କେ ମହକେଇ ଦେମାଁ । ଆମର ମାଏଟ ସାଂଗେ ଆମର ଦେଶ୍ ବି ମହକି ଯିବା ।

ଆସୁନ, ଆଏବାର ପିଢି କାଜେ ବାଟ ବନେଇ ଦେମା, କିଛି କରି ଦେଖେଇ ଉଦାହରଣ ବନିଯିବାର କେ ଚେଷ୍ଟା କରମା ।

**- ପଦ୍ମନାଭ ପଧାନ**



# *Sunan mor manar Katha……*

Kumuda Ranjan Panda

Now a day, everyone talks about innovation, creativity, IR4.0; why should we lag behind. The world has been transformed into IOT & AI; So; why not Our Koshalanchal (WO) and Koshali take the advantage and present it's abundant and precious language cum literature, Art & culture, Music & dance (Folk), science & technology; which have been unexplored or semi explored or exploited by the hypocrisy. So why should we leverage the cutting edge emerging technologies to exhibit our unique native Koshali heritage and culture.

The Koshali Language is full of very interesting and unique components.

Just to quote a few about the aptness, sweetness of the idioms and phrases or expressions that exactly connotes the feelings are given below for your critical appreciations:

- ***Soen nei ki mudal nei:*** *Tamar katha ra soen nei ki mudal nei ho*( Your expressions have neither aNy logic or any end)
- ***Tele padla musa*** : *Saintu looks like Tele Padla Musa* ( It means Saintu has exhausted all his energies and has become totally dormant)
- ***Sappan salia***: *Rajna, dui hathe rapi rapi gili dauchhu re, Tui K Sapan salia kiain re?* ( Rajna why do you behave so greedy and starving while food is in front of you( chhappan Salia: there was a draught in 1856; when people did not get food to eat owing to severe draught)
- ***Parar Pila Budi Mala muin dekhli Toob Kala***: It connotes to the criminal indifference of the general public
- ***Dekhna Sundar Palsa phool*** and many more.

***Uniqueness in Health and medicine technology:***

Chatdang in Harali uans & Karla Lahar dang lechha as precautionary measures for neurological problems, Jada Tel Pia (Castor Oil) to cure stomach problems, Bhuilim Pia to cure from warms ,sabal basha for stomach ailments, Khatkhatia shampoo for keeping silky and shiny hair and Benjati Cher to cure Jaundice are few of the health care innovations of Koshalanchal.

***Unique food and drinks:***

Karddi, Henua patal ghanta chutchuta, baelsaria chaati purga, Mahul chakel Pitha, Gurji Pitha, Suanli Pitha, Madia jukha, Biri Tikhri & endrii pitha are the unique identity of Koshalanchal ethnic food.

***Festivals:***

Po-jiunta, Bhai-jiunta, Kado Jatra, Chhatar, Karamsani, Dhanu Jatra , Guni Laga are some distinct festival in addition to Nuakhai and Pushpuni.

***Sports & Games:***

Kasadi, Sooor, Geddi, Chhilolai, Dharani Gudu, Bahu Gudu, Khapri , Dahi Makdi, Keli and Luk Lukani are some of the exceptional games presented here for your research and analysis.

*These are some of the innovative and creative technology, Food & drinks, Festivals, sports and games which need the attention for Research and development and for the younger restless generations it opens of huge potential of business across India & abroad*



# WOSACA: An Organization with a difference

-Ramkrushna Barik

Hyderabad is Telangana's largest and most-populous city and is the major urban centre for all of south-central interior India. Hyderabad has become a hub of trade and commerce and an international centre for information technology (IT). Pharmaceuticals and textiles are among the other items manufactured here. Many central govt. research organisations, institutions etc . are also established in Hyderabad. There are many people from Western Odisha who are in working in different sectors in Hyderabad. There was a need to unite people from Western Odisha in one common forum and it all started with celebration of Nuakhai festival in Hyderabad. WOSACA was formed by like-minded intellectuals from Western Odisha residing in and around Hyderabad.

Western Odisha Social and Cultural Association (WOSACA) is basically a socio-cultural association/organisation; which is registered under Govt. Society registration act 2001. It is an organization of dedicated and committed intellectuals and thinkers who have a vision and mission to the development and growth of the people of Western Odisha as well as Telangana State.

**Objectives:**

Create awareness among the people of the respective regions about the prevailing rich cultural heritage and to encourage them to avail the great scope at the national level.

Create awareness for natural resources management and socio-economic development

Initiate the education ,skill development projects for the students and youth

Provide technical assistance and support services for value-addition activities to the downstream segments.

Promote, guide and create a platform for the talents to expose their creativity and innovations at the national level.

Promote Kosali-Sambalpuri literature.

Promote and enhance tribal folk culture & heritage.

Promote interpersonal/social relation among the people of the regions through various activities.

Facilitate and support people in availing the best possible health care services

WOSACA Hyderabad is celebrating different festivals of Western Odisha keeping the traditional values and cultural essence alive of each festival. Nuakhai Bhetghat was celebrated in the year 2016 with much enthusiasm. Smt.S nehangini Chhuria, Minister of State (Handlooms, Textiles & Handicrafts) was the chief guest on this occasion. Padmashree Haldhar Nag was felicitated for his contributions to the field of literature. Pashukabi Sushil Mishra, famous singer Byasadev Purohit, young talent Reshma Rani

Dash were other dignitaries who were invited to the Nuakhai Bhetghat. The event was enjoyed by 400+ families in and around Hyderabad.

In 2017, it was a mega Nuakhai Bhetghat celebration in Hyderabad with 700+ families joining for the celebration. Two renowned cultural troupes (Sangeet Sadhna and Prativa) performed first time in Hyderabad. Ace film director Sabyasachi Mohapatra was the chief guest on this occasion. Sri Sarbeswar Bhoi ( popular folk singer), Sri Hrusikesh Bhoi (Kansa Maharaj-Bargarh), Hasyakabi Sri Nitish Acharya were other dignitaries who graced the occasion. Sambalpuri fashion show hosted by our young talent Shri K Dibyaprakash was organized for the 1st time to promote world famous Sambalpuri sarees.

Puspuni is an important festival of Western Odisha where farmer families celebrate their annual harvest of paddy. Puspuni is being celebrated by WOSACA every year with much enthusiasm with an aim to keep our culture and traditions alive. It was organized in Celebrity Resort in the year 2017 and was a huge success with games, food and music being integral part of the event. In the year 2018, it was a bigger Puspuni Bhetghat which was organized in Summer Green resort. Cultural programs were performed by our internal team on this occasion and traditional "Chher-Chhera" was the highlight of the event.

Apart from celebrating different cultural festivals in Hyderabad, we are also responsible towards our society. As a part of our Social initiatives, WOSACA Hyderabad members visited "Manaba Kalyan Sevashram" at Baghjhula, Balangir on 6th January 2018 and distributed daily needs products for the little ones. WOSACA members Padmanabh Padhan, K Tamanna, Ramkrushna Barik and Bhabendra Pradhan interacted with the children and wished them all the best for their future.

To create awareness among engineering students of Western Odisha, a seminar on "Project Management & Entrepreneurship in Engineering" was organized by WOSACA in collaboration with Vikash Group of Institution on 19th Feb 2018. Our esteemed members K Tamanna spoke about the objectives of WOSACA & need of such programs to create more awareness wherein Prasant Kumar Meher addressed the students as speaker of the event. The program was a grand success with support from Vikash Group of Institution.

Western Odisha is a land of rich heritage and it has always given some of the greatest talents to our society. As a constant endeavor of WOSACA to promote young talents, financial assistance was provided on 4th July 2018 to Badminton prodigy from Balangir Roshan Singh who was undergoing training in Kayns Badminton Arena, Hyderabad. In continuation to the financial aid to Roshan Singh, we wished to provide a badminton kit for him. We requested everyone to come forward and support Roshan. With support and contributions from western Odisha people residing in Hyderabad, we gifted him a professional badminton kit on 30th July 2018 and wished him all the best for his state tournament.

I feel proud to be associated with WOSACA. This is just a beginning for a bigger journey. WOSACA will continue its effort to promote our art and culture at broader level. Different plans are being worked out to have a better and positive impact in our society may it be Employment, Healthcare and other areas which need better attention. I request everyone to come forward, support and join WOSACA in its journey towards making a positive impact in the society.

**General Secretary,**
**WOSACA Hyderabad**

# ଇତାର ଭିତ୍‌ରେ/Look Inside


୧. ପଦ୍ମଶ୍ରୀ ଲୋକ କବି ରତ୍ନ ହଲଧର ନାଗ
୨. ରସରାଜ ଅଚ୍ୟୁତ ପୁରୋହିତ
୩. ପଶୁକବି ସୁଶୀଲ ମିଶ୍ର
୪. ବ୍ୟଙ୍ଗ କବି ନୀତୀଶ ଆଚାର୍ଯ୍ୟ
୫. ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ
୬. କବି ସୁଜିତ କୁମାର ସତପଥୀ (ସାହିତ୍ୟ ଏକାଡ଼େମୀ ନବୋଦୟ ଯୋଜନାନେ ବହି ପ୍ରକାଶିତ)
୭. ବ୍ୟଙ୍ଗ କବି ମୁନିରାମ କୁମ୍ଭାର
୮. ରାଜାମଣି ସାହୁ (ଶିକ୍ଷକ, ପ୍ରତିରକ୍ଷା ବିଭାଗ)
୯. କବି କେଦାର ନାଥ ସାହୁ
୧୦. ସତ୍ୟନାରାୟଣ କୁମ୍ରା (କନିଷ୍ଠ କାର୍ଯ୍ୟ ପ୍ରବନ୍ଧକ, ପ୍ରତିରକ୍ଷା ବିଭାଗ)
୧୧. କବି ଅଭିନବ ମିଶ୍ର
୧୨. କବୟତ୍ରୀ ଗାୟତ୍ରୀ ସାହୁ
୧୩. ଭେଟଘାଟ- ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡଃ ଶ୍ରୀନୀବାସ ଉଦ୍‌ଗାତା
୧୪. ଭେଟଘାଟ- ପଦ୍ମଶ୍ରୀ ଲୋକ କବି ରତ୍ନ ହଲଧର ନାଗ
୧୫. ପରମେଶ୍ୱର ମୁଣ୍ଡ (ଅଧ୍ୟାପକ ଆରୁ ଗବେଷକ)
୧୬. ଗୁରୁଜୀ ଡ. ଦୋଳଗୋବିନ୍ଦ ବିଶି (ଅଧ୍ୟାପକ ଆରୁ ଗବେଷକ)
୧୭. ଗୁରୁଶ୍ରୀ ଡ. ଘାସିରାମ ମିଶ୍ର (ସଂସ୍କୃତି ବିଶାରଦ ଆରୁ ସଂଗୀତଜ୍ଞ)
୧୮. ଗୋରେଖନାଥ ସାହୁ (ବରିଷ୍ଠ ସାମ୍ବାଦିକ)
୧୯. ଘନଶ୍ୟାମ ବାଞ୍ଜି (ଆଇନ ବିଭାଗ ଛାତ୍ର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ)
୨୦. ଚୌଧୁରୀ ବିଭାର (ପର୍ଏଁରୀ ଅନୁଷ୍ଠାନ)
୨୧. କ୍ଷେତ୍ରବାସୀ ନାୟକ (କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କୃତ)
୨୨. ଡ. ସ୍ୱାତୀ ପାଣିଗ୍ରାହୀ (ଗବେଷିକା)
23. Dr. Gobardhan Nayak (National & Odisha Sahitya Academy Awardee)
24. Bhagabata Prasad Nanda (Eminent Journalist & Social Activist)
25 Ghanteswar Guru (Bollywood, Mumbai)
26. Dr. Sujit Kumar Mishra (Associate Professor & Researcher)
27. Dr. Lekha Charan Meher (Scientist, DRDO)
28. Er. Manabesh Joshi (Senior Software Engineer)



# ଖୁଓ ରେ ପୁଓ

ପଦ୍ମଶ୍ରୀ ଲୋକକବି ରତ୍ନ ହଲଧର ନାଗ

ଗୁଟେ ବଲି ପୁଓ
ଫୁନ କରିଥିଲା
ନାତି ନାତେନ୍‌କେ
ମାଆଁ ବୁଆମନ୍
ଦେଖ୍‌ବେତ ଆଖିଁ
ବଡା ଉବାଗରେଁ
ହେ ବିହା ବଛରୁଁ
ଲୁହା ଖଁଡିଏନ୍
ଦିନେହେଲେ ଖାଇ-
ପୁଓ ଜନ୍‌ମାବା
ବୁଢିର୍ ପାହାଜେ
ବହ ବାଆନିବା
ଘରୁ ଦୁଆର୍‌କେ
ଉବେଲେ ଗାଧୁଛେ
ଲାଗ୍ ଉଧାର ଯେ
କୁଟୁମ୍‌ର ସାଙ୍ଗେ
ନାଇ ଦେଲେ ନାଇଁ
ଗୋଡ ଧରି କରି
ଦେବ୍‌ତାର ଖଂଜା
ତୁର୍‌ତା ତୁର୍‌ତି
ନାତି ନାତେନ୍‌କେ
ଜାମ୍ ବାହାଲିର
କପଡା ଖଡେଁଭି
ବୁଢାର୍ ଭି ନାଇ
ଭୁକେଁ ଦୁଖେଁ ରୁଗେଁ
ଆଡ୍ ଆଖିଁ ପୁଓ

ଚାକିରି କରୁଛେ
ଏସୁର ଗାଆଁକେ
ଧରି ପୁଓ ବହ
ଉସତ୍ ଜେତ୍‌କି
ନାତି ନାତେନ୍‌କୁଁ
ଇବଛର ଘରେଁ
ଗଲେ ପୁଓ ବହ
କଁଠେଁ ବସ୍‌ଲେଜେ
ଥିବେ ବୁଢାବୁଢି
ସାଫୁଲ ଆଉର୍
ଭୁଇଁ ନାଇଁ ଲାଗେ
ଛଅନଅ ବଲି
ଲିପାଘଁସା କରି
ଉବେଲେଁ ଖାଉଛେ
କରି ତୁନ ସାଗ୍
ନୁଆଁଖାଏବାଜେ
ଦେବେ ମାଟି ମୁଠେ
ଜୁହାରଟେ କଲେ
ହାଏଁଡ୍ ପାତୁଲ
ମିଲବା କେନ୍‌ନେ
ଖାଏବେ ବଲିତ
ତୁରି ମାହେଜିନୁ
ଘିନି ନି ପାରୁଛେ
ଧୁତିକି ଅଙ୍ଗଛି
ମଲେକି ଜିଇଲେ
ଡୁଙ୍ଗି ନି ଦେଖଲା

ବିଦେଶେ ରହିଛେ ଜାଇ
ଜିମି ବଲି ନୁଆଁଖାଇ ॥
ସମାର ଦିନ୍‌କେ ପରେ
କହେଲେତ ନାଇଁ ସରେ ॥
ଖାକେକୁଲେ କରି ପାଇ
ମାନ୍‌ବେଜେ ନୁଆଁଖାଇ ॥
କେଭେଁ ଭି ଆସନ ନାଇ
ଆସୁଛନ ନୁଆଁଖାଇ ॥
ବହ ହାତ୍ ପର୍‌ସନା
ନାଇହନ୍ ଦୁଖ୍‌ମନା ॥
ଭୋକ୍‌ସୋସ୍ ଗଲା ଛାଡି
ହଉଛେ କେତେ ଧନ୍ଦାଡି ॥
ଟୁପା ଡାଲି ଧୁଆ ମଜା
ଦିହେ ନାଇଁ ତାର ହେଜା ॥
ଘିନିଛେ ରାନ୍ଧବା ବହ
ହେଇ କେଡେ ଗହ ଗହ ॥
ଆଖିଁତ ଦେଖମୁ ଘାଏ
ହେଟାନ ସରଗ୍ ଆଏ ॥
ରଖିଛେନ ଆଗ୍‌ତୁରା
ନାଇ କଲେଁ ସୋର୍‌ସୁରା ॥
ମୁର୍‌ହି ଆର୍ ମୁଗ୍ ଫଲି
ଘିନିଛେ ନୁଆଁ ଟୁପୁଲି ॥
ପିନ୍ଧୁଛେ ଫଟା ଦଦରା
ଫାଟି ହେଲା ନ ଲେକରା ॥
ମାଆଁ ବୁଆ ବଲିକରି
ଦିନ ଗନି ଜାଏ ସରି ॥

ଜାହା ହେଲା ହେଲା
ନୁଆଁଖାଇ ଆସୁ-
ଘାଟେ ବାଟେ ଜେତେ
ମୋର ପୁଓ ବହ
ପଧାନ ଘରର
ଦିଲ୍ଲି ସହରୁଁ
ଆସାମ୍‌ନୁ ଦେଖ
ନକୁଲ ମୁରଲି
ଇହାଦେ ଇହାଦେ
ସୋର କରୁଥିବା
ଲଏଗ୍ ପୁଓର
ରୋହିତ ବ୍ରଦର
ମୁଇଁ ଭାବୁଥିଲି
ହେଲେ ଜେ ମେଡମ୍
ହଜାର ହଜାର
ଜିବା ଆଏବାର
ଚେହତ ର ଟୁଡୁଁ
ଚଡକ୍ ପଡ୍‌ଲା
ଉସତ୍ ଜେତ୍‌କ
ଧିକ୍  ମାଆଁ ବୁଆ

ନିଗଢ୍ କଥାକେ
ଛନ ପୁଓ ବହ
ମାଏଝୀ  ମାନକୁଁ
ଏସୁର ବହେନ୍
ମଝିଆ ପିଲାଗୋ
ଆଏଲାନ ପରେ
ଆସିଗଲାନ ଗୋ
ଆସିଗଲେନ ଗୋ
ମୋର ପୋ ଆଏବା
ଜମିବାଡି ସବୁ
ଫୁନ୍ ଆସିଗଲା
କହିଦେବୁ ଜାଇ
ଜିମୁ ବଲିଘାଏ
ନାଇଁଜାଉଁ ବଲି
ଟଁକା ବର୍‌ବାଦ
କେଡେ ଦହସଦ୍
ଖବେର ପାଇକରି
ଲେଖେଁ ଲାଗିଗଲା
ଫସର୍ ଫାଟଲା
କୁଲା ଏଡେ ଆସ୍

ସବୁ ପକାଲେ ପାସରି
ସେ କଥାକେ ସୋର କରି ॥
କହୁଛେ ଝନ୍ କେ ଝନ୍
ନୁଆଁଖାଇ ଆଉଛନ୍ ॥
ତାର କୁଟୁମ କେ ଧରି
ହତୋ କଚୋ ହେଇ କରି ॥
ଭୁଏ ଘର କଲାକାହ୍ନୁ
କାହିଁ ଆମେରିକା ଠାନୁ ॥
ବଲି ଦେଖେ ବୁଢ଼ି ବାଟ୍
ବିକି ପଢେଇଛେଁ ପାଠ୍ ॥
ଗଉଁତିଆ ଘର୍‌ନିକେ
ମୋର ମା ବୁଆକେ ଟିକେ ॥
ଫୁନ୍ କରିଥିଲି ତତେ
ମନା କରିଦେଲେ ମତେ ॥
ନାଇଁ ପୁସେ ନୁଆଁଖାଇ
ମାନ୍ ମୁନ ଇନ ଥାଇ ॥
ଜେନ୍‌ତା କି ବୁଢ଼ାବୁଢ଼ି
ରହିଗଲେ ଠାଡ୍‌ଗୁଡ଼ି ॥
ବୁଢ଼ାବୁଢ଼ି ମନ୍‌ଖାଁଟ
କରି ଦେଖୁଥିଲ ବାଟ ।

**ଘେଁସ, ବରଗଡ଼**





# ଆମର ନୂଆଁଖାଇ

ରସରାଜ ଅଚ୍ୟୁତ ପୁରୋହିତ

କେନଠାନେ ଥିଲା କେନ୍ କେ ଆଏଲା
ବୁଝି ହଉଛେ ନାଇ ।
ଯାହା ଯାହା ଥିଲା ଆଘର କଥା
ପଲେଇ ଗଲେନ କାହିଁ ॥

ଧୁତି କେ ଖଦିଆ ମାରି ଦେଇ କରି
ଗାମଛା ଟେ ଖନ୍ଦେ ଥିଲା ।
କେନୁ ଆଏଲା ଜିନ୍ସ ପ୍ୟାଂଟ ସାର୍ଟ
ସମକୁ ଗହଡି ଦେଲା ॥

ଚୂଡା ଭୁଜା ଖିଆ ସପନ ହେଲାନ
ମନ ଚାଉମିନ୍ ଚାଟ ।
ମାଁ ବୁଆକେ ମମି ଡାଡି ବଲି
ଲୁକେ ଦେଖଉଛନ୍ ଠାଟ ॥

ଅଙ୍କଲ ବଏଲେ ମାମୁଁ କି କକା
ଜାନି ହାଉଛେ ନାହିଁ ।
ଆଂଟି ବାଲି କାକି କେ ଡାକଲେ
ଧାଇଁ ଆଉଛେ ମାଇଁ ॥

ଦିନୁ ଦିନକେ ଆଁଖିର ଆଘେ
ବଦଲି ଯାଉଛେ ସବୁ ।
ଗୁଟେ ଖାଲି କେଭେ ନାଇ ବଦଲେ
ଇଟା ସୋର ରଖିଥିବୁ ॥

ସଂସାର ଯାକର ଖୁଜି ଆସଲେ
ଆର ପାଇବ କାହିଁ ।
ଜେନତା ଥିଲା ହେନ୍ତା ଅଛେ
ଆମର ନୂଆଁଖାଇ ॥

**ବକଟି, ସାଲେଭଟା, ବଲାଂଗିର**





# ପଶୁ ଚିନ୍ତନ୍: ଜୁହାର ନୁଆଁଖାଇ

ପଶୁକବି ସୁଶୀଳ ମିଶ୍ର

ସେଲ୍‌ଫା ଆରୁ ସେଲ୍‌ଫି
ଆଏଜ୍ କା ହେଇଗଲେ ମୁହାଁମୁହିଁ
ସେଲ୍‌ଫି ବଏଲା, ହଏରେ ସେଲ୍‌ଫା
ଆଏଜ କା କେନ୍ତା ତୁଇ ସେଲ୍‌ଫିଟେ ନେଲୁ ନାଇଁ
ତୋର ଅପ୍ପୋ, ଭିଡୋ, ଜିଓ ଡିଜିଟାଲ୍ ଲାଇଫ୍ ଭିତରେ
ଆମର୍ ନୁଆଁଖାଇର ଭାବ୍‌ଟା
ତୋର୍ ମୋବାଇଲ୍ ଭିତ୍‌ରେ କାହିଁ ।
ନାଇଁରେ ନାଇଁରେ ନାଇଁ ......
ନାଇଁ ନାଇଁ ନାଇଁ .... ତୁଇ ଘୁମୁ ଅଛୁ ଇଥି ତାହିଁ ।
ଏ ବୁଆ, ତୁଇ ପରେ ୱାଇ ଫାଇ
ଆମର୍ ଭାବର୍ ବନ୍ଧନ୍ ବାସ୍ ଚନ୍ଦନ୍
ତୋର ଇଂଟରନେଟ୍‌ଥି ନାଇଁ ।
ଦେଖ୍‌ରେ ଦେଖ୍ ଇତାକେ ଦେଖ୍, ସେତାକେ ଦେଖ୍
ଯାହାକେ ପାରୁଛୁ ତାହାକେ ଦେଖ୍
ଆମର୍ ଗହକ୍ ଦେଖ୍, ମହକ୍ ଦେଖ୍, ଚମକ୍ ଦେଖ୍, ଦମକ୍ ଦେଖ୍
ଆମର ତିହାର ପରବ୍ ଗରବ୍ ଦେଖ୍ ।
ଝିକ୍‌କି ଝିକାଣା... ଝିକ୍‌କି ଝିକାଣା
ଝିକାଣା ଝିକାଣା ଝଲକ୍ ଦେଖ୍ ।

ଜୁହାର ନୁଆଁଖାଇ ,
କେନ୍ କାଲୁଯୁଗୁ ଚଲି ଆଉଛେ ଯେ,
ତୋର ଗୁଗୁଲ୍ ନି ପାରେ କହି
ଇନ୍ତା ତିହାର, ପୁରଥୀ ଥି କାହିଁ ନାଇଁ ।
ମାଁ ଗୋ ସମଲେଇ,
ତୁଇ ଗୋ ମହାମାୟୀ
ତୋର୍ ଦୟା ବଲେ ଟିହା ଉଡେ ମାଁ
ସରିଆ ଧାନ୍ କେ ଖାଇ
ଟିହିରି ଟିହିରି ମୁହୁରୀ ଫୁକେ
ଧଏନ୍ ମୋର ଚଷା ଭାଇ ।
ମନ୍‌କେ ମଜେଇ ଗଜ୍‌ଗଜେଇ ଦେଖ୍ ଦେଖ୍
ପଶୁପକ୍ଷୀ ଯେତେ ନାଚୁଅଛନ୍ ଡାଲ୍‌ଖାଇ
ଜୁହାର ଜୁହାର ନୁଆଁଖାଇ
ଏ ତୋତେ, ସେଲୁଟ୍‌ରେ ନୁଆଁଖାଇ ।

**ବଲାଙ୍ଗିର**



# ଜଏ ଜବାନ୍ ଜଏ କିଷାନ

ନୀତିଶ ଚନ୍ଦ୍ର ଆଚାର୍ଯ୍ୟ

କିଏ ଜାନିଛେ ଯଦ୍‌ରି ଇହାଦେ କହ
ଚାଷୀ କାଁ କରି ଏସୁର ମରୁଛେ ଯହ
ଓଡିଶାର ଭାତ ହାଡିଁ ପରେ ବରଗଡ୍
ସରକାର କେନଠାନେ ରହେଲା ଗଡ୍‌ବଡ୍ ॥ (୧)

ଉପ୍‌କୁଲର ଚାଷି ବନ୍ୟା ବାତ୍ୟା
ପଶ୍ଚିମ ଓଡିଶାନୁ ଆତ୍ମହତ୍ୟା
ଏନ୍‌ତା ମର୍‌ବା ଯଦ୍‌ରି ଚାଷୀ
ସାରା ସଂସାର ଯିବାନ ଭାସି ॥ (୨)

ଦୁନିଆ ଯାକିର ପେଟର ଚିନ୍ତା ଏକ୍‌ଲା କରସି ଝନେ
ଛୁଟି ନେନ ତାର କପାଲେ ନାଏ ଲାଗଲେ ବି ବନେ
ବଛର ଯାକିର ଦିଏ ସମ୍‌କୁଁ ରୁଟି ହଉକି ଭାତ
ପଧାନମନ୍ତ୍ରୀ ସୁନବ୍ ଥରେ ଚାଷୀର ମନ୍‌କି ବାତ୍ ॥ (୩)

ଫସିଛେ ଚାଷୀ ଚକ୍ରବ୍ୟୁହ ଥିଁ ଘେରିଛନ ସପ୍ତରଥୀ
ମରଲେଁ ଉଷତ ହଉଛନ ଯହ ଜୋର ଧରେ ରାଜନିତି
ଯେନ ଦେଶ ଥିଁ ଦିନେ ଶୁଭୁଥିଲା ଜଏ କିସାନ ନାରା
ଚାଷୀ ମରୁଛେ ଏକ ନମରେ ସେଟା ଭି ଭାରତ ସାରା ॥ (୪)

ଲଗତିଆ ହେଇ ଚାଷୀ ମରୁଛେ ନେ ପାରବାର ଶୁଝି
କାଁ କରି କିଏ ଚାଷ କରବା ଜିଏ ପାରଲାନ ବୁଝି
ସେ ଦିନ ଆର୍ ଦୁର ନେନ ଛାଡବାକେ ପଡବା ଚାଷ
ମରିଁ ଗଲେଁ ଭି ଜିବାର ନେନ ଆରଘାଏ ଖେତର ପାସ ॥ (୫)

ଇଥରର ମର୍‌ଡି ନେକହନ ଯାନୁଛତ ଦହଦହ
ତିହାରେ ନେନ ଉସତ ଆନନ୍ଦ ନେନ ତ ଗହଗହ
ଚାଷୀ ହାତେ କଉଡି ନେଇ ଦୁକାନି ଦେଖେ ବାଟ
ନେ ବଲବାର ଦୁକାନବଜାର ନେ ଚଲବାର ହାଟ ॥ (୬)

ଫରକ ନେନ ସରକାର କେ ମର୍‌ଲେ ମରୁ ଚାଷୀ
ମଲା ଉତାରୁ ସମବେଦନା କଥାଥିଁ ଯିବୁ ଭାସି
କଂଗ୍ରେସ ହଉକି ବିଜେଡି, ବିଜେପି ଚାଷିର ଲାଗି କିଏ
ବିଧାନ ସଭାନୁ ଚାଷୀ ମାନ୍‌କୁଁ କିଏ ଦେଲାନ ନିଏ ॥ (୭)

ପେକେଜ୍ ଖାଲି ଘୋଷ୍‌ନା କଲେ ନାଏଁ ଯାଏ ଚାଷୀର ଦୁଖ
ସରକାର ତୁଇଁ ପାରବୁ ଯଦରି ଭିତରକେ ଟିକେ ଢୁକ
ଦାତାପନ ଅଛେ ଚାଷୀର ଦିହେଁ ଖାଲି ଆଏ ଭାରତର ଆତ୍ମା
ଚାଷୀ ହଁସଲେ ଦେଶ ହଁସବା କହିଛେ ରେ ମହାତ୍ମା ॥ (୮)



ଯବାନର ହାତେ ବନ୍ଧୁକ ଗୁଲି ଶତ୍ରୁ କେ ଦେବା ଦାଗି
କିସାନ ପିଠି ଉଷୋ ଢୋଲ ଲୋଗ ପୋକ ଯାନ ଭାଗି
ଝନକର ଦିହୁଁ ଝାଲ ବୁହିଲେଁ ଝନକର ଦିହୁଁ ରକତ୍
ଭାରତ ମାଁ ର ଅସିଲ ପୁଓ ଦେଖ ଦୁହିକର ତାକତ୍ ॥ (୯)

ଝନେ ଅଛେ ମାଟିର ଲାଗି ଝନେ ଯୁଗିଛେ ଘାଟି
ଇମାନେ ଯଦି ହଦରି ନେବେ ଦେଶଟା ଯିବା ମେଟି
ଝନେ ପିନ୍ଧିଛେ ମୁଡେ ଟୁପି ଝନେ ମାରିଛେ ପାଗ
କାର ଜିଭେ ଯଦି ହାଡ ଅଛେ ଶୁଝୁ ଇତାକର ଲାଗ ॥ (୧୦)

ଚାଷୀ ସୁବିଧା ନେ କରଲେଁ ଗିରିଯିବୁଁ ସରକାର
ଉଲଟିଆ ତୁଇଁ ପଚରା ଚାଷୀକେ ତାର କାଣା ଦରକାର
ନୁକସାନ କେ ଦେଖମା ଯଦି ସାହାଜ ବହୁତ କମ୍
କାର ଉପରେ ବିଶ୍ୱାସ କରବା ଧରବା ସେଥିଁ ଦମ୍ ॥ (୧୧)

ଚାଷୀର୍ ଲାଗି ବନାଲନ ଦେଶେଁ ଗୁଟେ ହେଲେ କମିଶନ୍
ସରକାର୍ ନୁ ରିପୋର୍ଟ ଅଛେ କେତେ ଚାଷୀ ମରୁଛନ
କରାଯାଉ ଦାବୀ ସରକାର୍ ନୁଁ, ଚାଷୀ କେ ଦିଅ ବୀମା
ସରକାର ଯଦି ନେଇଁ ବଲ୍‌ବା ସଭେ ଜହଲ୍ ଯିମା ॥ (୧୨)

ଉଚକିହୁଆ କି ମହରାଖିଆ ନୁହେଁ ଆମର୍ ସମାଧାନ୍
ଚାଷୀ କେ ଦେଉ ହକ୍ ଅଧିକାର୍ ଭାରତ୍‌ର ସମ୍ବିଧାନ
ପରିସ୍ଥିତି ସାଙ୍ଗେ ଜୁଝିକରି ଆମେ ସୁନାର୍ ଭାରତ ଗଢମା
ବାପରପୁଓ ଆମେ ଦଶମସିଆ ଆମେ କାହାକେ ଡର୍‌ମା ॥ (୧୩)

ଯେତେଦିନତକ୍ ଚାଷୀର ଏକତା ହଉଥିବା କୁରକୁଟି
ସରକାରୀ ଯୋଜନା ବାଟମାରଣା ଆଏ ଖାଲି ଭୁରକୁଟି
ଚାଷୀର୍ ଉପରେ ସଭେ କର୍‌ମା ବନେ୍ କରି ଚାଲ ବାଖ୍ୟା
ମରିଗଁଲେ ଚାଷୀ ପୁରା ହକଦାର ପାଉ ଶହୀଦର୍ ଆଖ୍ୟା ॥ (୧୪)

**ଗର୍ଭଣା, ସୋହେଲା,**
**ବରଗଡ଼**



# ଚୁକୁଥା ଧାନ ଧୁକୁଥା

ଦେବେନ୍ଦ୍ର ସାହୁ

ମୁଡ୍‌ଏଁ ହାତ୍ ଦେଇ କହୁଛେ ଚାଷୀ
ଇ ବରଷେ ଠିକ୍ ନେଁ ନ ମୋର ରାଶି ॥
ଜଗେଇ ଥିଲି ମୁଇଁ ପାତଲ୍‌ଘଁଟା
ସାର୍ ଉଷୋ ଦେଇ ବାଛଲିଁ ଲଟା ॥
କମାମିଁ ବଲିଁ ଖଏର୍‌ଚା କଲି ସାତ
କେଜି ବିକୁଛେ ଦୁଇ କାଣାଁ ଖାଏବୁ ଭାତ୍ ॥
କମ୍ପାନି ବଲେ ଇଟାକେ ଚିପ୍‌ଲେ ମୁଇଁ
ସସ୍ ବଲି କରି ଶହେ ଟଁକା ଦେବୁ ତୁଇଁ ॥
କେଡେଟେ ବେଡା ଆଉରେ ଚାଷି
ଲାଗ୍ ଲାଗିକରି ଲୁକୁଥା
ଚୂକୁଥା ଧାନ୍ ଧୁକୁଥା (୧)

ଚାର୍‌ହି ଦିଗୁଁ ଚାଷି ଲାଗ୍‌ଲା ଲାଗ୍
ମାଗ୍‌ଲା ଲୁକ୍‌କୁଁ ଭାବଲା ବାଗ ॥
ଆଠ୍ ସାରିକରି ଦୁଇ ବିକ୍‌ଲା ଆଲୁ
ସେଥିର ଲାଗିଁ ବିଷ୍ ପିଇଲା ଛାଲୁ ॥
କହତ ଗୋ ନାନି ଦଦା ଭାୟେ
ବିଷ୍‌ପିଆ କାଣାଁ ସମାଧାନ ଆୟେ ॥
ଫାଲେ ଆଲୁକେ ହେସି ଦଶ୍ ପିସ୍
ସେତ୍‌କି କେ ଦଶ୍ ପଡ୍‌ସି ଆଲୁ ଚିପ୍ସ ॥
କୁର୍‌କୁରେ ବଲିଁ ଖଉଥାରେ ଭାଇ
ପୁଲା ନଲାକେ ଫୁକୁଥା
ଚୁକୁଥା ଧାନ ଧୁକୁଥା । (୨)

ଚଷାଟା କାଏଁକରି ପଉଛେ ଦଶା
ଅଏତ୍‌କା ଅମଲ୍ ରଖୁଛେ ଆଶା ॥
ଚାଷିମାନେ ନାଇଁ ପାରବାର ଜାନି
ଚାଷି କେ ଠଗୁଛନ ସବୁ କମ୍ପାନି ॥
ଇହାଦେର ଚାଷି ଉସତ୍ ବେଡା
ପର୍‌ହର୍ ଟଁକାକେ ବାନୁଥା
ଚୁକୁଥା ଧାନ୍ ଧୁକୁଥା ॥ (୩)

ଫସଲ୍‌ଟା ବିକ୍‌ରି ହେଲେ ଭଲ
ବେପାରି ଖାଏବା ଲାଭର ଫଲ୍ ॥
ସବୁକେ ରେ ଚାଷି ଗଣିତ କସ୍
ଲାଭ୍ ନାଇଁ କେଭେଁ ହଉଛେ ଲସ୍ ॥
ରସ୍ ରସ୍ ସଭେ ନେଇ ଯଉଛନ୍
ଚୂପାକେ ତୁଇଁ ଚାବୁଥା
ଚୁକୁଥା ଧାନ୍ ଧୁକୁଥା । (୪)

ସାର ଉଶୋଦିଆ ଖଉଛୁଁ ଫସଲ
ଶରିରଟା କାହାର୍ ନେଇଁନ ଅସଲ ॥
ଉଷୋକେ ଖଉଛନ ମାଆର ପେଟୁଁ
ଜୁଆନ୍ ବି ନାଇଁ ଉଠବାର ଖଟୁଁ ॥
ଶରିର୍ ଘର କେ ଢୁକାଲୁନ ଚୋର
ରାଏତ୍ ସଏରତା ଚେତୁଥା
ଚୁକୁଥା ଧାନ୍ ଧୁକୁଥା । (୫)

ସଭେ କମାଲେନ କେତ୍‌ନି କେତେ
ଚାଷି କାଏଁ ଲସ୍ ଯଉଛେ ଏତେ ॥
ଖଏର୍‌ଚା କରୁଛନ୍ ନିଜର୍ ଭାବେ
ବିକ୍‌ରି ବେଲ୍‌କେ ନେଇଁନ ଥାବେ ॥
ତାର ମନେଁ ରେଟ୍ କେନ୍‌ସିଟା ନାଇଁ
ବିକବୁ ଯଦି, ଉଧାର ଦେଇଁ ଭୁକୁଥା
ଚୁକୁଥା ଧାନ୍ ଧୁକୁଥା । (୬)

ମୂଲ୍ କଥା ଚାଷି ନେଇନ ଏକ୍
ଏକ୍ ହେଲେଁ ଚାଷି ରଖ୍‌ତା ଟେକ୍ ॥
ମିଲିମିଶି ଶିତଲ୍ ଭଣ୍ଡାର କର
ସସ୍ତା ହେଲେଁ ଭଣ୍ଡାର ଭିତ୍‌ରେ ଭର ॥
ସର୍‌କାର ତ ଏଛେନ୍ ଲୁନ୍ ଦେଉଛନ୍
ଚାଷି ସଭେଁ ହଉଁ ଏକତା
(ନେହେଲେ) ଚୁକୁଥା ଧାନ୍ ଧୁକୁଥା । (୭)

**ଭୁଲିଆଡିହି, ଭଟଲି,**
**ବରଗଡ଼**





# ନୂଆଁଖାଇ

ସୁଜିତ କୁମାର ସତପଥି

ଭୁକେ ସପନ୍‌କେ
ଝାରି ପାଛରି କରି
ମନର ମହୁଗୁଡାକେ
ରଖ୍‌ମି ବଏଲିଁ ଯେ’
ସବୁ କନ୍ ମତେ ପୁଖରା ଦିଶଲା ...

ପୁଖରା ଦିସଲେ ଭି
କାଏଁ ହେଲା
ପୁର୍‌ଥିଥି ! ପୁଥିଥି ତ’
କିର୍‌ହା ଲାଗ୍‌ସି
ଉମ୍‌ହାଲା ଛାତି ତଲୁଭି’
ଉସ୍‌ମେଲିଆ ମହକ୍ ଆଏସି .....

ଉସ୍‌ମେଲିଆ ମହ୍‌କକେ ଯଦି
ନିଜର୍ ନାଇଁ କର୍‌ମି
ତ’ ମୋର ଲାଗି କେନୁ
ନିଝରି ପଡବା  ଭାଏଲ
ଅତରର୍ କହଁର ......

ମନ୍‌କେ ବୁଝାଲେ
ଜଗ୍ ବୁଝସି

ଫୁଟ୍‌ଲା ଭୁଦୋ-ମହୁଲିଆ ଭି’
ଅଏନ୍ ଲାଗ୍‌ସି
ତାର୍ ଭିତରର କଥାକେ
କିଏ ପଚ୍‌ରେ ?

ଉସ୍‌ନାକି ଖୁଜି-ଖୁଜି
ଉସେ ପହଁରା
ବାଏବିଛୋ ହେଲେ
ବିଷ୍-ମହରା
ଆଁଖିର୍ କର୍‌ପନ୍
କେନେ ସୁଖ୍‌ବା ଭାଏଲ
ସୁଖଲେ ତ’ ସର୍‌ଲା
ଜୀବନ୍ ଯାତ୍‌ରା ......

ଖୁରି-ଗିନା କି ଗଡୁ ଗରିଆ ହେଉ
ଡୁଲି ଖଁଡେ, ବାଏର୍ ଖଁଡେ
କି’ ଜୀବନ ହେଉ
ଚାଲ୍‌ରେ ମନ୍ ଗହନା କର୍‌ମା
ଶହେ ରାଏଜର ରଜା ଲେଖେଁ
ଗହ-ଗହ ମନେ ନୂଆଁ ଖାଏମା ....

**‘ବାଗାଶ୍ରିତା’, ସାଲେଭଟା,**
**ବଲାଂଗିର**



# ମାଏଟ ମୁଠେ

ମୁନିରାମ କୁମ୍ଭାର

ମା କହେ ପୋ ଶୁନ୍‌ରେ ମୋର୍ ଗେହ୍ଲା
କଥାକେ ଟିକେ ଦେ ମନ
ପୋ ଜନମ ପରେ ସଂସାରେ ସାରଗା
ମା ବୁଆର ବଡେ ଧନ
ମା ବୁଆର ପାଦେ ପାଏବୁ ଶରନ
ବାଟେ ବାଟେ ଯଦି ଥିବୁ
ମୋର୍ କଥା ଟିକେ ମାନିଥିବୁ ପିଲା
ମତେ ମାଏଟ୍ ପଛେ ନାଇଁ ଦେବୁ । (୧)

ପାଠ ପଢିନେବୁ ଗୁରୁକେ ତୋର ମାନି
ସରଗ ତାକର ପାଦେ
ଗୁରୁର ଆଶିଷେଁ ଜଗତ ଜିତବୁ
ଅଛେ ସବୁ ତାକର ହାତେ
ବୋଲହାକ୍ ମାନି ବେଭାର ଦେଖାବୁ
ମୁଡ ଗାଡି ହେବୁ ଠିଆ
ଯେନ୍‌ଟା କହେବେ ଲଂଘି ନାଇଁ ଯିବୁ
ଝାଏଁ ଝପଟ୍ କରବୁ ଛୁଆ
ଗୁରୁକେ ସୁମରି ଅହରହ ତୁଇ
ତାକର ପାଦେ ପୁଜା ଦେବୁ
ପାଠ ପଢି ପିଲା ନାଁ ରଖଭୁ ରେ
ମତେ ମାଏଟ ପଛେ ନାଇଁ ଦେବୁ । ୨ ।

ବଡ ହେଲେ ପିଲା କରବୁ ଚାକିରୀ
ଉଁଝା ଦେଶ ଯାଇକରି
ବିହା ବରପନ ହେଇଗଲା ପରେ
ବହକେ ତୁଇ ଧରିକରି
ଭାଏ, ଦାଦା ତୋର ରକତର ଭାବ
ମୁହୁଁକେ ନେ ଦେବୁ ମୁଡି
ତାକର ଠାନୁ କେଭେ ଗହନା ନାଇଁ ନେବୁ
ଭାଇ ଭାଗର ଜମିବାଡି
ଗୁଟେ ମାଁର ତୁମେ ସନ୍ତାନ ଆଅ ଗା
ତାକର୍ ସେବା କରୁଥିବୁ
ଅନମୁନ୍‌ଷିଆ କବାର ନେ କରବୁ ବାବୁରେ
ମତେ ମାଏଟ ମୁଠେ ପଛେ ନାଇଁ ଦେବୁ । ୩ ।

ପୁରାନ ଶାସ୍ତରେ ବଡେ ବଡେ କଥା
ପଢୁଥିବୁ ଜୁଆନ ବେଲୁ
ମୁନିରଷିମାନେ ଭାବିଚିନ୍ତି କରି
ଲେଖିଅଛନ ଅକାଲ କାଲୁଁ
ବୁଢା ହେଲେ ଯାଏକ୍ ପଡମି ବଲିରେ
ନେ ହେବୁ ତୁଇ ହେଲୁଆ
ଅଜ୍ଞାନ ଅନ୍ଧାରେ ବାଟ୍ ଯେ କଢାସି
ଅନ୍ଧାର ଘରେ ତ ଉକିଆ
ପୁରାଣ ପଢି ଯେ ରାମକୃଷ୍ଣ ବାଗିର
ଜୀବନ ତୋର ଜୀଉଁଥିବୁ
ମୁନୁଷ ମଏଧେ ମୁନୁଷଟେ ହେବୁରେ
ମତେ ମାଏଟ୍ ପଛେ ନାଇଁ ଦେବୁ । ୪ ।

ବଡ ହେଲେ ପିଲା କମାବୁ ଟଁକା
ହାତେ ଥିବା କୁଟି କୁଟି



କେଭେ ନେ କରବୁ ଲାଗ୍ ଜାନିଥା
ମରିଯିବୁ ଛୁଟି ଛୁଟି
ଲାଁଚକୁଟ୍ ଠାନୁ ରହେବୁ ଦୂରିଆ
ଲାଁଚ ନିଆ ବଡେ ପାପୀ
ଗହଦିଲା ଧନ ପୁରସି ପେଟକେ
ଅନିଏ ପକାସି ଖାପି
କରମ୍‌କେ ତୋର ମାହାପୁରୁ ବଲି
ସତେ ସତେ ଦେଖୁଥିବୁ
ଗରିବ ଦୁଖୀର ଆଶାଟେ ହେବୁରେ
ମତେ ମାଏଟ୍ ପଛେଁ ନାଇଁ ଦେବୁ । ୫ ।

ତୋର ମା ବୁଆ ଗୁଟେ ତ ଜୀବନ
ନାଇଁ କରିନେବୁ ଭିନେ
ଇନ ମା ରହେବା ସେନ ବା ରହେବା
ନାଇଁ ରଖବ ଝନେ ଝନେ
ମା ଯେ ରହେବା ସାନ୍‌ଟାର ଘରେ
ବଡଟାର ଘରେ ବୁଆ
ମାସେ ପରେ ମାସେ ଅଦଲ ବଦଲ
ଇନ ଘାଏ ସେନ ଘାଏ ଥୁଆ
ଗୁରସ ପିଇ ଥିଲ କାଏଁ ମାସେ ଛାଡି ମାସେ
ହେଟା ସୋର କରିଥିବୁ
ମାଆ ବୁଆକେ ତୋର ଭିନେ ନେ କରବୁ ରେ
ମତେ ମାଏଟ ପଛେ ନାଇଁ ଦେବୁ । ୬ ।

ବେମାର ଛେମାର ଭାଙ୍ଗି ନେବା ବଫୁ
ହେଇଗଲେ ବୁଢାବୁଢୀ
ପାଶେ ପାଶେ ଥାଇ ସଁକଲା ବୁଟ୍‌ଲା
ହେଉଥିବୁ ଆଶାବାଡି
ଉଷୋକଷା ପଛେ ନେଇଁ ମିଲୁ ମତେ
ନେବୁ ଆନବୁ ଡେନା ଧରି
ଭାତ ମୁଠେ ଦେଇ କେନ୍ କନ୍‌ଟାକେ
ନାଇଁ ହେବୁ ଘୁଘଲି ଝାରି
ଇଟା ତ ପରୀକ୍ଷା ପୁଓଟେ ଆଉରେ
ପାସ ଫେଲ ଇଥୁ ହେବୁ
ଜୀଇଁ ଥାଉଥାଉ ହଁସେଇଥା ମା କେ
ମତେ ମାଏଟ ପଛେ ନାଇଁ ଦେବୁ । ୭ ।

ମରିଗଲା ଯେ ସରିଗଲା ସେ
କାଏଁ ଜାନେ ମାଏଟ୍ ଦିଆ
ମାଏଟ୍ ଦେବାର ଲାଗି ଶ' ଶ' ଆଏବେ
ସେବା କରବାର ଲାଗି ଛୁଆ
ସରଗ୍ ନରକ୍ ଇଠାନେ ଅଛେ ତ
କରମ୍ କରିଥା ଜାନି
ଏନ୍‌ତା ପୁଓଟେ ପାଇଛେଁ ବଲିରେ
ସରଗ ମୁଇଁ ପାଇ ଯିମି
ତୀରଥ ବାରଥ ଦରକାର ନାଇଁ
ଘରକେ ମନ୍ଦିର କରବୁ
ମାଁ ବୁଆ ତୋର ମାହାପୁରୁ ବାବୁ
ମତେ ମାଏଟ୍ ପଛେ ନାଇଁ ଦେବୁ । ୮ ।

**ସୋହେଲା, ବରଗଡ଼**



# ମୁଇଁ କୋସଲ ମାଟିର ଛୁଆ

**ରାଜାମଣି ସାହୁ**

ମୁଁଇ କୋସଲ ମାଟିର ଛୁଆ ।
ମୁଁଇ କୋସଲ ମାଟିର ଛୁଆ ।
ଇ ମାଟିର ପୁଓ ବୀର ସୁରେନ୍ଦର
ବ୍ରିଟିଶ ଜାଏତ କେ କଲା ଥରହର
ପାର୍ବତୀଗିରି, ରେଣ୍ଡୋମାଝି
ଦେଶର ଲାଗି ଗଲେ ରକତେ ଭିଜି
ରଖିଗଲେ ତାକର ନାଁ
ମୁଁଇ କୋସଲ ମାଟିର ଛୁଆ ।
ମୁଁଇ କୋସଲ ମାଟିର ଛୁଆ । (୧)

ଇମାଟିର ପୋ କବି ଗଙ୍ଗାଧର
ପ୍ରକୃତି କେ କଲେ କେଡେ ଉଭାଗର
ସନ୍ଥକବି ହେଇ ଆମର ଭୀମଭୋଇ
ଅନ୍ଧାରେ ଦେଇଛନ ବଏଠା ଜଲେଇ
କବି ହଲଧର ଲୋକକବି ଆମର
ଇ ଭାଷାକେ କରିଛନ ଠିଆ
ମୁଁଇ କୋସଲ ମାଟିର ଛୁଆ ।
ମୁଁଇ କୋସଲ ମାଟିର ଛୁଆ । (୨)

ନୁଆଁଖାଇ ଇ ମାଟିର ତିହାର
ବାନ୍ଧିଦେସି ଡୁରେ ସାରା ପରିବାର
ଫୁସପୁନି ପିଠାପନା ର ପରବ
ଇ ଜାତିର ସତେ ବଡେଟେ ଗରବ
ବାରମାସେ ତେର ପରବ ଇ ଠାନେ
କେତେ ଭାବ ଦିଆ ନିଆ
ମୁଁଇ କୋସଲ ମାଟିର ଛୁଆ ।
ମୁଁଇ କୋସଲ ମାଟିର ଛୁଆ । (୩)

ଇ ମାଟିର ଢୋଲ ନିସାନ ତାସା
ଦୁଲ୍‌ଦୁଲି ବଜା ଲଗାସି ନିଶା
ସମ୍ବଲପୁରୀ ଗିତେ ସାରା ଧରତି
ନାଚିନାଚି କେତେ ଉସତ ହେସି
ଡାଲଖାଇ ଆରୁ ରସେରକେଲି
ନାଚି ଥି ନାଚେ ଦୁନିଆ
ମୁଁଇ କୋସଲ ମାଟିର ଛୁଆ ।
ମୁଁଇ କୋସଲ ମାଟିର ଛୁଆ । (୪)

ଇ ମାଟିର୍ ଦେବୀ ସମଲେଶ୍ୱରୀ
ପାଟ୍‌ମେଶିରୀ ଆରୁ ମାଣିକେଶିରୀ
ସୁରେଶ୍ୱରୀ ମା ମାହେଶ୍ୱରୀ
କୋଶଲେଶ୍ୱରୀ ହେଇଛନ ସାହା
ମୁଇଁ କୋସଲ ମାଟିର ଛୁଆ
ମୁଇଁ କୋସଲ ମାଟିର ଛୁଆ । (୫)

ଜଗତେ ଇ ମାଏଟ୍ ସର୍ବଂସହା
ଗରୀବ ଦୁଃଖିକେ ହେଇଛେ ସାହା
ତେଲ୍ ମହାନଏଦ୍ ଧୁଉଛେ ପାହା
ନୁହେଁ ସେ ଇ ମାଏଟ୍ ଲନ୍ଦ ଫନ୍ଦିଆ
ମୁଇଁ କୋସଲ ମାଟିର୍ ଛୁଆ
ମୁଇଁ କୋସଲ ମାଟିର ଛୁଆ । (୬)

**ଶିକ୍ଷକ, ଗୋଳାବାରୁଦ କାରଖାନା**
**ଇଂରାଜୀ ମାଧ୍ୟମ ବିଦ୍ୟାଳୟ**
**ବଡମାଳ, ବଲାଂଗିର**



# ଆମର ନୂଆଖାଇ ତିହାର

କେଦାରନାଥ ସାହୁ

ଭୁଦୋମାସର ଉଜଳପକ୍ଷେ
ଚଉଠିଥିଁ ପଡସି ଗଣେଷ ପୂଜା
ଇ ପୁଜାଥିଁ ସ୍କୁଲ କଲେଜ
ହେଇଥିସି କେତେନି କେତେ ସଜା ।
ନୂଆଁ ପୁଷାକ ପିନ୍ଧି ଛୁଏ
ଯାଏସନ ଯାର ଯେନ୍ତା ସ୍କୁଲ
ସାଙ୍ଗେ ଧରି ନଡିଆ ଧୋପଖାଡି
ଆର କେତନି କେତେ ଫୁଲ ।
ସରଗୁ ଉତ୍‌ରି ଆଏସନ ମାହାପୁରୁ
ପାଏବାର ଲାଗି ମର୍ତେ ପୂଜା
ରଙ୍ଗ ରଙ୍ଗିଆ କପଡା ପିନ୍ଧି
ଆର୍‌କେତେ ଅଲଙ୍କାରେ ହେଇ ସଜା ।
ଦିନେ ଉତାରୁ ଆମର ନୂଆଖାଇ
ପଶ୍ଚିମ ଓଡ଼ିଶାର ପରବ ସିଘାମେଇ
ଭିନେ ଭିନେ ଦରବ ଆନ୍‌ସି ଘିନି
ଲୋକ ହାଟ ବଜାର  କେ ଯେଇ ।
ଘର ଘର କେ ଆଏସନ୍ ଫିରି
ଲୋକ ଯେତେ ଥିସନ ବାହାରେ
ସବୁ ଭେଇ ଦେଇ ପଡ୍‌ସନ ଭେଟ
ଆମର ନୂଆଖାଇ ତିହାରେ ।

କେତେ ଯେ ପତର ଆନ୍‌ସନ୍ ତୁଲି
ଲୋକ ଯେଇକରି ଝାର ପତ୍‌ରା
ତେହେରୁ ପଡସି ବନେ ଭିଡ୍‌କାମ
ଚୁରାର ଲାଗି ନୁଆଁ ଧାନ ଖୁଜାନୁରା ।
ଆସ ଆସ ଭାଇ ନୂଆ ଖାଏମା
ସବୁ ମାରଧର୍ କେ ଯେଇ ଭୁଲି
ନୂଆଁ ଚୁରାକେ ସଭେ ଖାଏମା
ରାନ୍ଧିକରି ଗୁଟେ ଚୁଲି ।
ନୂଆଁ ଚୁରାକେ ଖାଏସନ ସଭେ
ବନେଇ ପତରକେ ଦନା
ଦିନ୍‌କର୍ ଲାଗି ପାସ୍‌ରି ଦେସନ
କଂସା ପିତଲ ଆର୍ ଷ୍ଟିଲ୍ ଖୁରିଗିନା ।
ଦେବି ଦେବ୍‌ତା କେ କର୍‌ସନ ପୂଜା
ପୂଜା କର୍‌ସନ୍ ଗାଏ ଗୁହାଲେ
କିଏ ଖାଏସି କୁରେ ପତରେ
ଆର୍ କିଏ ଖାଏସି ମହୁଲେ ।
ଆସିଛେ ନୂଆ ଖାଇ ଭାଇ
ଆଏଜ୍ ଆସିଛେ ନୂଆଖାଇ
ଦଦା ଜୁହାର ବବା ଜୁହାର
ଆର ଜୁହାର ଦାଦା ଭାଇ ।

**ତାଲପାଲି, ବରଗଡ଼**



# ହର୍‌ବର୍

ସତ୍ୟନାରାୟଣ କୁମୁରା

କଥାଥ୍ ଅଛେ
ଧିର ପାଏନ୍ ପଥର କାଟେ,
ହର୍ ବର୍ ହେଲେ ଆଁଠୁ ଗଏଁଠ୍ ଫାଟେ
ସତ୍ କଥା ଇଟା ଗୁଟେ ॥
ଏଭେ ସବୁ କାମ ମିଶିନ୍ କରୁଛେ,
ସମିଆଁ କାହାକେ ନି ଅଁଟେ,
ଯାହାକେ ଦେଖ୍‌ଲେ ଛୁଟାଥି ହର୍ ବର୍
କଥା ନାଇଁ ହେବାର ପଦେ ॥
ଶଗଡ ଗାଡି ତ ନେଇଁନ ଆରୁ,
ମଟର୍ ଫଟ୍ ଫଟି ଛୁଟେ
ଏତେ ହର୍ ବର୍ କାଏଁ ଯେ ହେମା ହୋ-
ପିଟି ହେମା ଗଛେ ଖୁଟେ ॥
ପୁଓ ପାଖେ ଆରୁ ସମିଆଁ ନେଇଁନ,
ନେଇଁ ସୁନେଁ ବୁଢାର ପଦେ,
ଯହ କଲ୍ ବଲ୍ ହେଲେ ବୁଢା ବୁଢୀ-
ବୃଦ୍ଧାଶ୍ରମ୍ କେ ଖେଦେ ॥
ମହାପୁରୁ ପାଶେ ଦର୍ ଶନ୍ ଲାଗି
ଭିଡ ଯେ କେତ୍‌ନି କେତେ
ଇସ୍ପେଶିଆଲ ଟିକେଟ୍ ଟେ କାଟ ହୋ ଭାଇ
ହର୍ ବର୍ ଅଛେ ଯାହାକେ ॥
ଆଗ୍ କେ ପଛକେ ଭାବିଭାବି
ଖାଲି ହର୍ ବର୍ ହଉଛନ୍ ସଭେ
ରହ ଟିକେ ଭାଇ କଥା ବାର୍‌ତା ହେମା
ଆର୍ ଭେଟ ହେମା କେଭେ ?

**କନିଷ୍ଠ କାର୍ଯ୍ୟ ପ୍ରବନ୍ଧକ,**
**ଭାରତୀୟ ଗୋଳାବାରୁଦ କାରାଖାନା,**
**ବଡମାଳ, ବଲାଙ୍ଗିର**



# ନଡା

ଅଭିନବ ମିଶ୍ର

ଖେତର୍ କୁଲେଁ ଜନମ୍ କରମ୍
ପରହର୍ ହିତ୍ ତାର୍ ଧରମ୍
ନାଆଁ ଟା ହଉଛେ ନଡା,
ଗରିବ୍ ଦୁଖୀର ସାହା ଭରସା
ତାର୍ ଲାଗି ବଲି ଭାତ୍ ଗରସା
ବନା ହେସି ସେଥି ଗୁଡା ॥
ମାଟିର୍ ଘର୍ ଛାଏନ୍ ଉପ୍‌ରେ ସବୁବେଲେ ଥିସି ଶୁଇ
ଖରା ବରଷା ଧୁକା ପାଏନ୍ ସବୁ ପିଇ ପିଇ ଦେସି ସହି ॥
ବାଉଁଶମାନ୍‌କର୍ ହାଡ୍‌କଁକାଲ୍‌ଥି ହେଇ ଥିସି ସେତ ବାଁଧି
ତାର୍ ଉପ୍‌ରେ କଁଖାରୁ ମାଖନ୍ ଲହ ହେଇଥିସି ଛଁଦି ॥
ଗାଏ ବଲଦ୍ କର୍ ଭୁଜନ୍ ସେଟା ତାଁକର୍ ଲାଗି ଜୀବନ୍
ନଡା ପୁଆଲ୍ ଭିନ୍‌ଭିନ୍‌ନାଁ କେତେ ସୁତର୍ ତାର୍ ଚଲନ୍ ॥
ଇ ନଡା କେ ବେଟି ସାଆଁଟି ଚେରେ ବନାସନ୍ ଗୁଡା
ଚାଁଟି ମକ୍‌ରାର୍ ଡଁଗା ଇଟା ଯେତେ ଭେଲେ ହେସି ଟୁଡା ॥
ମାଠୁଲ୍ କୁଠୁଲ୍ ପାତ୍‌ଲି ସରେଇ
ହାଁଡି ମାଠିଆ ଗଂଜ୍ କର୍‌ହେଇ
ଅହେଁରା ଉପ୍‌ରେ ବସି,
ହଲା ଚଲା ନାଇଁ ସଭେ ଥିସନ ଥାବେ
ଭାଜୁର୍ କୁଟୁର ନିଜର୍ ଭାବେ
ହାଏଁଡ୍ ଶାଲେଁ ହଁସି ହଁସି ॥
ମରା ପୁଡା ପରେ ଦଶ୍ ଦିନ୍ ତକ୍ ବେଁଟିଆ ଧର୍‌ସି ନିଆଁ
ଯୁଆନ୍ ନଡାର୍ ଦିହୁଁ ଧାନ୍, ଦେସି ଜୀବନ ନୁଆଁ ॥
ମାଘ୍ ମାସର୍ ଜାଡେଁ ନଡା କର୍‌ସି ବନେ କାମ୍
ନିଜର୍ ଦିହି ଜାଲି, ଦେସି ମୁନୁଷ୍ କେ ଆରାମ୍ ॥
ନିଜର୍ ଜୀବନ୍ ନିଥାଇ ନଡା ଦଉଛେ ଲୁକ୍‌କୁ ଜୀବନ୍
ତାର୍ ଲାଗି ବଲି ଜୀବ୍ ଜଁତୁ ଦଲ୍ ବାଁଚି ଦେଖୁଛନ୍ ସପନ୍ ॥
ଧଏନ୍ ନଡା ଧଏନ୍‌ରେ ତୁଇ ଅଖେ ଅମର୍ ତୋର୍ ଗୁନ୍
ଯିଏ ଯେତେ ଯାହା କଲେବି ତୋର୍ ସୁଝିନେଇଁ ହୁଏ ରନ୍
ତୋର୍ ସୁଝିନେଇଁ ହୁଏ ରନ୍ ॥

ଜାମୁଟିଆ, ବଲାଙ୍ଗିର





# ବଡ ହେଲା ପରେ ମୁଇଁ

ଗାୟତ୍ରୀ ସାହୁ

ବଡ ହେଲା ପରେ ମୁଇଁ
ବସି ଭାବୁଥିସିଁ ଖାଲି
ଛୁଆ ଦିନର ସେ ଉସତ କଥା
ସୋର ପଡୁଥିସି ଖାଲି
ଛୁଆ ଦିନର ସେ ଅଭୁଲା କଥାକେ
ମନୁ ନାଇଁ ହଏ ଭୁଲି

ବଡ ହେଲା ପରେ ମୁଇଁ
ବସି ଭାବୁଥିସିଁ ଖାଲି
ଭାଏ ବୁହେନ୍‌ର ସେ ରୁସାଫୁଲା କଥା
ମା ବୁଆର ଯେ ଗାଲି
ଦଦା ବୁଢାର ଗେଲ୍‌ହେଇ ଡକା
ବୁଢି ନାନିର ବବ୍‌ରା ପିଠା
ସୋର ପଡୁଥିସି ଖାଲି
ମନୁ ନାଇଁ ହଏ ଭୁଲି

ବଡ ହେଲା ପରେ ମୁଇଁ
ବସି ଭାବୁଥିସିଁ ଖାଲି
ଫଗୁନ ମାସର ସେ ରଙ୍ଗିନ ପରବ
ଯାର ନାଁ ହେଉଛେ ହୋଲି
ଛୋଟନୁ ବଡ୍ ସଭେ ମିଶି
ଖେଲୁ ଥିସନ୍ ରଙ୍ଗର ହୋଲି
ବଡ ହେଲା ପରେ ମୁଇଁ
ବସି ଭାବୁଥିସିଁ ଖାଲି
ଯେତେବେଳେ ପଡ୍‌ସି ରାକ୍ଷି
ମାହାଁପୁରୁ କେ ରଖ୍ି ସାକ୍ଷୀ
ବହେନ୍ ତାର ଭାଏର ହାତେ
ବାନ୍ଧି ଦେସି ସେନେହେ ରାକ୍ଷି

ବଡ ହେଲା ପରେ ମୁଇଁ
ବସି ଭାବୁଥିସିଁ ଖାଲି
ଭାଇ ବହେନର୍ ସେ ସ୍ନେହର ବନ୍ଧନ କେ
ବଅଁଚେଇ ଥାଉ ମାଁ ସମ୍‌ଲେଇ
ଛୁଆ ଦିନର ସେ ଅଭୁଲା ସ୍ମୃତି
ସୋର୍ ପଡୁଥିସି ଖାଲି

ଧାରୋପାଣି, ସମ୍ବଲପୁର
ସାଦ୍ ନଗର, ହାଇଦ୍ରାବାଦ



# Know Great Legend of Western Odisha

*List of few great personalities:*

**Freedom Fighter**

- Veer Surendra Sai
- Rindo Majhi
- Birsa Munda
- Madho Singh
- Hatte Singh
- Kunjel Singh
- Chhabila Sai
- Parbati Giri
- Nrusingha Guru
- Chamaru Paradhia,
- Dayanidhi Naik
- Madan Bhoi
- Jitendra Pradhan
- Bhagirathi Pattanaik

**Padmshree Awardee**

- Isaac Santra, Sambalpur (1956)
- Parshuram Mishra, Bargarh (1960)
- Kruthartha Acharya, Bargarh (1965)
- Jadunath Supakar, Sambalpur (1986)
- Kunja Bihari Meher, Bargarh (1998)
- Dilip Tirkey, Sundergarh (2004)
- Chaturbhuj Meher, Sonepur (2005)
- Srinibash Udgata, Balangir (2008)
- Ignace Tirkey, Sundergarh (2010)
- Kailash Chandra Meher, Sonepur (2013)
- Haldhar Nag, Bargarh (2016)
- Nila Madhab Panda, Sonepur (2016)
- Sadhu Meher, Boudh (2017)
- Jitendra Haripal, Sambalpur (2017)
- Dr. Mukut Minj, Sundergarh (2017)

**Cinema**

- Sabya Sachi Mohapatra
- Sadhu Meher
- Nilamadhab Panda
- Ghanteswar Guru
- Ghasiram Mishra

**Literature**

- Bhima Bhoi
- Gangadhar Meher
- Prayagdutta Joshi
- Haldhar Nag
- Srinibash Udgata
- Hemachandra Acharya
- Khageswar Seth
- Indramani Sahu
- Nilamadhab Tripathy
- Satya Narayan Bohidar

**Young Sport Persons**

- Dilip Tirkey
- Ignesh Tirkey
- Lajarus Barla
- Madhuri Mehta
- Jyoti Sunita Kullu
- Subhadra Pradhan
- Birendra Lakra
- William Xalxo
- Rosnara Parwin
- Yogabyasa Bhoi

**Misc./Others**

- Purna Chndra Ratha
- Kisan Pattanaik
- Prem Ram Dubey
- Bhubaneswar Behera
- Sadananda Agrawal
- Sam Pitroda

*(There are many more famous personalities in Western Odisha)*



# ପଶ୍ଚିମ ଓଡିସାର ସାଂସ୍କୃତିକ ପହେଚାନ ଆରୁ ଆଧୁନିକ ବଜାର

ପରମେଶ୍ୱର ମୁଣ୍ଡ

**୧୯୭୪ ସାଲେ କଲାହାଣ୍ଡିର ପୋଲକମୁଂଡା ଗାଁନେ ଜନମ ନେଇଥିବାର ଲେଖକ, ଗବେଷକ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ ଲୋକକଥା ଆର ସଂସ୍କୃତି ଦିଗେ କେତନି କେତେ କାମ କରିଛନ ଆରୁ କରୁଛନ । ଭାରତ ସରକାରଙ୍କର ସଂସ୍କୃତି ବିଭାଗ ତରଫନୁ ଫେଲୋସିପ୍ ପାଇଥିବାର ସାଂଗେ ବନିହାନ ଅନୁଷ୍ଠାନନୁ ସମ୍ମାନ ଆରୁ ପୁରସ୍କାର ମିଲିଛେ । ଆକାଶବାଣୀଥି ତାକର ଗୁରଧୁଟେ ନାଟକ ଆରୁ ଫିଚର ପ୍ରସାରିତ ହେଇଛେ ।**

ସବୁ ଇଲାକାର ନିଜର ଗୁଟେ ଗୁଟେ ପହେଚାନ ଥିସି, ଆରୁ ସେ ପହେଚାନ୍‌କେ ନିଜର ଦୁସରା ଠାନେ ନିଜର ନାଁ ଉଡୁଥିସି । ସେନ୍‌ତି ପଶ୍ଚିମ ଉଡିସାର ପହେଚାନ ହେଉଚେ ତା'ର କଲା ସଁସ୍କୃତି । ଇ ଇଲାକାନେ ବି ଦୁସ୍‌ରା ଠାନ ପରା ବଡ୍ ବଡ୍ ନଏଦ, ଝରନ, ଦରହ, ଡଙ୍ଗରସ ଦେ ଦେବତା ଗୁଡି, କାରାଖାନା, ଯୋଜନା ମନକର ନାଁ ଅଛେ, ହେଲେ ନାଚ, ଗାନା, ବାଜ୍‌ନା, ଆରୁ ସାଡି, କାଠ୍‌କାମ, ଟେରାକୋଟା ପରା ଘରୁଆ ସିଲ୍ପକେ ନିକରି ପଶ୍ଚିମ୍ ଉଡିସାର ପହେଚାନ୍ ଦୁନିଆ ଦୁଆରେ ବଡା ଉଜଲ୍ ଦିସ୍‌ସି । ହେଲେ ଲୋକ କଲା ସଁସ୍କୃତି ଦିନୁ ଦିନ୍ ତାର' ଭେସ୍ ବଦଲେଇ ଚାଲିଚେ । ଇ ସବୁ ସମିଆର ତାଲେ ଯେତ୍‌କି ବଦ୍‌ଲୁଚେ ବେପାରୀ, ସୁବିଧାବାଦୀ, ଛନ୍ ସୁଖିଆ ଆରୁ କେତେକ ସାଁସ୍କୃତିକ ଗୁରୁ, ମୁଖିଆମାନକର ସୁବିଧାଯେ ତା'ର ଠାନୁ ଅଧକା ଭିର୍‌ଭିରନା ଦିସୁଚେ । ତାର ସୁକେ ନିଜର ଢଙ୍ଗ ବଦଲବା ଠାନୁ ଆଧୁନିକତାର ନାଁନେ ଉଦ୍ଦେସମୂଲକ ଭାବେ ଭେସ୍ ବଦଲିଚାଲିଚେ । ଯେନ୍‌ତିର କାଯେ ତା'ର ସଁସ୍କୃତିଆ ରେ ରକମ୍ ରଂଗ ଢଂଗ ହଜିଯୋଉଚେ । ଇଠାନେ ସେନ୍‌ତି କେତେଟା ପଶ୍ଚିମ ଉଡିସାର ଲୋକ ସଁସ୍କୃତିଆ ବଦଲତି ଭେସ୍ ବିସଏନେ ଚରଚା କରାଗଲା, ଯେନ୍‌ମାନେକି ଆଡ୍ ଅନ୍ଧାର ସମିଆର କନେ ଅଜେଇ ହି ଯାଇଚେ । ନା ତାକେ ପଛିମ ଉଡିସାର ପହେଚାନ୍‌ନେ ଗନି ହୋଉଚେ ନା' ସେ ଆପନେ ଆପ୍ ପଛିମ ଉଡିସାର କହଁରକେ ପୁରଥିଯାକ କହଁରୋଉଚେ ।

ଆଘର କାଲେ ଘରେ ରନ୍ଧା ତୁନ୍‌ସାଗ ପାଖପଡିସା ଘରକେ ଗିନେକ୍ ଦୁଇଗିନା ଲେଖା ଯୋଉଥିଲା, ଏବେ ଆରୁ ନେଇନା । କହେବାକେ ଗଲେ ନିଜର ଘରକୁରିଆ ଭିତରେ ସବକିଛୁ ରହିଯୋଉଚେ । ସାମାଜିକ ସଂପର୍କନୁ ଯେତକି ଦୁରେଇକରି ରହେଲେ ସେତକି ଭଲ ବଲି ସବେ ଭାବି ବସ୍‌ଲେନା । ଅଧିକା ଲାଭ ଲାଗି ଗୁର୍‌ଜି, କାନ୍ଦୁଲ, କୋସଲା, ଖେଡ୍‌ଚନା, ନାକଚନା, ପରା ଦେସି କଲସ ପତରର ଚାସ ନେଇକରବାରନ ।

ଭୂଜି ମାନକେ ବଫେ ନାଁନେ ଦେସି ପାଂରପରିକ ତୁନ ସାଗକେ ନେଇ ରାନ୍ଧିକରି ବିଦେସି ଖାନାପିନା ବନାଯୋଉଚେ । କାମକେ କଧିରେଇକରି ସମିଆର ବାହାନାନେ ବଟା ମସଲା ନେଇ କରି କରି ପାଉଚ, ପେକେଟର ମସଲାକେ ବେସି ଭେଭାର କରାଯାଉଚେ । ଘରେ ମାଁ ଭଏନ୍‌ମାନେ ଦେସି ପିଠାପନା ତୁନସାଗକେ ପାସରିକରି ଆଧୁନିକ ବିଦେସି ରନ୍ଧା ରାନ୍ଧବାନେ ନିଜର ବାହାଦୁରି ବଲି ଭାବୁଚନ । ଲୋକବାକ ଗୋଟେ ଆସଲେ ବିଦେସି ଢଙ୍ଗର ଖାନାପିନା ଦେଇକରି ନିଜର ଆଧୁନିକତାକେ ଦେଖେଇବାର ଚେଷ୍ଟା

କରୁଚନ ।

ପଛିମ ଉଡିସାର କରଡି, ହେଣ୍ଡୁଆ, ସରସତିଆ ପିଠା ପରା କେତେକ ଖାନା ବାହାରେ ଚାହିଦା ବଢାଲା ବେଲକେ ନିଜର ଇଲାକାନେ ଚାହିଦା କମୋଉଚେ । କହେବାକେ ଗଲେ ଖାଏଦ ପିନ୍ଧନକେ ନିକର ପଛିମ ଉଡିସାର ସାମାଜିକ ସାଁସକୃତିକ ଜୀବନର ଯେନ ପହେଚାନ ଥିଲା ଧିରେ ଧିରେ କରି ସେଟା ଧଁସ ହେବାକେ ବସିଚେ । ଗାଁକେ ଗଲେ ଗାଁର କହଁର ନେଇନ । ସହରକେ ଗଲେ ଇଲାକାର କହଁର ନେଇନା । ଉପନିବେସ ଆରୁ ବାହାରିଆ ଛାପ ସବୁଥି ଦିସୁଛେ ।

ଆଧୁନିକ ଗଣମାଧ୍ୟମ ଆରୁ ସହରିଆ ଜୀବନର ଛାପନେ ପଛିମ ଉଡିସାର କେତନିକେତେ ତିହାର ପରବ ମରିହଜି ବସଲାନ । କେତେଟା ପରବ ସିଆଁ ଡେଗିକରି ରାଏଜ୍ ଦେସ ବାହରେ ବି ନିଜର ପହେଚାନ ବନେଇ ପାରିଛେ ସତ୍ ମାତର ତା'ର ଢଙ୍ଗ ବଦଲବା ସଙ୍ଗେ ସଙ୍ଗେ ନିଜର ମୂଳ ଦର୍ଶନକେ ଛାଡି ଦେଇଛେ । ସହରି ପାଠୁଆ ଲୋକମାନେ ଯେନ୍‌ଯେନ୍ ତିହାର ପରବର ପଛେ ପଡଲେ ସେଟାମାନେ ନୂଆ ଢଙ୍ଗେ ଚମକି ଉଠୁଚେ ହେଲେ ନାଁ ଖାଲି ରଇଚେ ସିନା ଅସଲ ଦର୍ସନ ହଜି ଯାଇଛେ । ବିହନଛିନା, ରୋଗି ବୋହୋଲା, ହରାଲି ଉଆଁସ, ଚୋରୋ, ସେମିନୂଆଁ, କାନ୍ଦୁଲ ନୂଆ ପରା ତିହାର ପରବ ଆଘର ପରା ନେଇ ମାନୁଥିବା ବେଲେ ଦସରାର ଢଙ୍ଗ ବଦଲିଯାଇଚେ । ଆଘେ ଦସରାମାସେ ଗାଁର ଦେବୀଗୁଡିନେ ଗାଁର ପୁଜାରୀ, ଝାଁକର, ଦିଆରି, ଦେହେରିମନେ ପୁର୍‌ନାକାଲିଆ ଢଙ୍ଗେ ପୂଜାପାଠ କରି ଗାଁକେ ଶିତଲୋଉଥିଲେ । ଗାଁ ଯାକର ଲୋକେ ତାକେ ମାନୁଥିଲେ । ବଦନି ହିସାବେ ଯେ ଯାହା ଦେବାର କଥା ଦେବୀଠାନେ କୁକରା ଚିମରା ଦୋଉଥିଲେ । ଏବେ ଗାଁ ଗାଁନେ ଛଦିନିଆ ଦୁର୍ଗା ମୂର୍‌ତି ବନେଇକରି ଚକମକିଆ ସଜୋବାଜୋ ନାଚ, ଗାନା ଭିତରେ ହଜିଯାଉଚେ ଦଶରା ପୂଜାର ମୂଳ ଦର୍ଶନ ମରିଗଲାନା । ଚାନ୍ଦାକରା ଦୁର୍ଗାପୂଜା ଭିତରେ ଆଘର କାଲର ଦସରାର ଥାଏଥିତି ଅକାବକା ହି ବସିଚେ । ଯେନ୍‌ନେ ଲୋକଜିବନର ଆତ୍ମା ନେଇନା ଜାକଜମକ ଭିତରେ ଖାଲି ଦୁଇଦିନିଆ ସରଧା ହି କରି ମନ ବୁଝବାକେ ପଡୁଚେ ।

ନୂଆଖାଇ ବି ହେନ୍‌ତି ଗୁଟେ ତିହାର ଯେନ୍‌ଟାକି ପଛିମ ଉଡିସାର ବଡେଟେ ପହେଚାନ । ଏବେ ଆରୁ ନୂଆଖାଇ ପଛିମ ଉଡିସାର ସିଆଁ ଭିତରେ ବାନ୍ଧି ହି କରି ନେଇନା ବରଂ ପଛିମ ଉଡିସା ବାହାରେ କଟକ, ଭୁବନେଶ୍ୱର, ଦିଲ୍ଲୀ, କଲକତା, ବେଙ୍ଗାଲୁରୁ, ମୁମ୍ବେଇ, ପୁନେ, ଠାନୁ ଆରମ କରିକରି ବିଦେସନେ ବି ଧୂମଧାମ ପାଲନ ହୋଉଚେ । ହେଲେ ଇସବୁ ଠାନେ ନୂଆଖାଇ ତିହାର ନେଇ ମନେକରି ନୂଆଖାଇ ଭେଟଘାଟ ପରବ ମାନୁଚନ । ଯେନ୍‌ନେ ନୂଆଖାଇର କେନ୍‌ସି କହଁର ନେଇନା । ଇ ଭେଟ୍‌ଘାଟ ମାନ୍‌କେ ବି ନୂଆଖାଇର ମୂଳ ଦର୍ଶନ ହଜି ଯାଇକରି ଗୋଟେ ନୂଆଢଙ୍ଗର ଆଧୁନିକ ଢାଁଚା ପସିଆସିଚେ । ଯେନ୍‌ନେ ଭଡାଟିଏ ନାଚ୍‌ଗାନା ଆରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବାକି ସବୁକେ ଢାବି ଦୋଉଚେ । ଲୋକ ସଁସ୍କୃତିକ କାର୍ଯ୍ୟକ୍ରମ ମାନକର ଉତ୍ପାଦକ ଆରୁ ଉପଭୋକ୍ତା ନିଜେ ଲୋକମନେ ହି ଥିବା ବେଲେ ଇନେ କଲାକାର ନିଜର ଉପ୍‌ଜାଲା ଉତ୍ପାଦନ କେ ବିକୁଚେ ଆରୁ ଆୟୋଜକ ଉପଭୋକ୍ତା ଘିନିକରି ପରଂପରା, ସଁସ୍କୃତିର ଖୁସି ମନୋଉଚେ । ଇ ଢାଁଚା ଲୋକ ସଁସ୍କୃତି ଆରୁ ଲୋକ ଭିତରେ ଥିବା ଗେହେରାପନ୍ କେ ମାରିକରି ବଜାରବାଦକେ ଟାନି ଆନୁଚେ ।

ପଛିମ ଉଡିସାର ସିତଲ ସଷ୍ଠୀ, ଧନୁଯାତ୍ରା, ଛତରଯାତ୍ରା, ସୁଲିଆଯାତ୍ରା, କରମସାନୀ ପୂଜା, ଡାଲଖାଇ ଉସା, ବଏଲଯାତ୍ରା ପରା କେତେଟା ଯତରା ପରବ ପରଚାର, ପରସାର ହି କରି ନିଜର ପହେଚାନକେ ବି ବଜରକରି ରଖିଚେ ଆରୁ ତା'ର କହଁର ସବୁବାଟେ ଫଅଲି ଯୋଉଚେ । ଇ ଯତରା ପରବମାନକର ଉପରେ ବି ବାହିରିଆ ଆଧୁନିକ ସଁସ୍କୃତିର ଛାପ ପଡୁଚେ ହେଲେ ନିଜର ମୂଳ ଦର୍ଶନକେ ଧରିକରି ଏକା ଇସବୁ ତିହାର ପରବ ନିଜର ପହେଚାନ୍‌କେ ଦବ୍‌ଦବାକରି ରଖିଚେ ।

ପଶ୍ଚିମ ଉଡିସାର ସାମାଜିକ ଜୀବନର ରୀତି ରିବାଜ, ଚେଲ ଚଲନ ଏକା ତାର ନିହି । ମିସି ଭିରିକରି ରହେବା ସଙ୍ଗେ ସଙ୍ଗେ ଦୁସରା ଲୋକକେ ମୋର ବଲି ଭାବ୍‌ବାର ଆପନାପନ ଆରୁ ସାମାଜିକ କମାଧାମନେ ସବେ ସବ୍‌କେ ସହଯୋଗ କରବାରଟା ପଶ୍ଚିମ ଉଡିସାର ସଁସ୍କୃତିକେ ସୁନ୍ଦର କରି ରଖିଥିଲା । ହେଲେ ଇ ଜୀବନଧାରା ବି ଏବେ ବଦଲି ବଦଲି ଦୁସରା ଭେସନେ ଦେଖବାକେ ମିଲୁଚେ । ଗାଁ ମନକେ ବିହାବର୍‌ପନ କାମନେ ଗାଁ ଭାଇର କାମଧାମ ଦେଖାରେଖା, ପଏସା ପତର ସହଯୋଗ, ଆରୁ ପାଖେ ଠିଆ ହି କରି ଭଲମନ୍ଦ ବୁଝବାଟା ଆରୁ ଦେଖିବାକେ ନେଇ ମିଲବାରନା ।

ଗାଆଁର କେନ୍‌ସି ଲୋକ ମରିଗଲେ ଲାସ୍ ପୁଡାବାର ପଟେ କା'ର ଘରେ ବି ଚୁଇଲ ନେଇ ଜଲବାର ରୀତି ଧିରେଧିରେ ବନ୍ଦ ହି ବସଲାନ । ମରିଯାଇଥିବା ଲୋକର ଘରର ବାକି ଲୋକ୍‌ମାନକର ଆଜାନତନେ ଘାଟ୍‌କେ କାଠ ନେବା ସଙ୍ଗେ ସଙ୍ଗେ ବାକି ରୀତିରିବାଜ ଲାଗି ଗାଁ ଭାଇର ସେବା ଏବେ ଆରୁ ସେତ୍‌କି ଦେଖିବାକେ ନେଇ ମିଲବାର । ମଲା ଘରର ଲୋକ କହିବୁଲ୍‌ଲେ ଯାଇକରି କିଛି ଲୋକ ବାହାରୁଛନ୍ । ଧରାବେଟା, ଛାରବୋହୋଲା, ଶିତଲ ଖିଆ କାଯେ ଲୋକ ଠୁଲେଇ ବାରକେ ପଡୁଚେ । ପେନ୍‌ବିଲା ଘରଯିବାଟା ବି ଫୋନ୍‌ଫାନ୍‌ନେ ଲିପ୍‌ଟି ଯୋଉଚେ ।

ନୂଆଖାଇ ସରଲା ଉତାରୁ ବନ୍ଧୁକୁଟୁମ ଘରେ ଝୁଆରଭେଟ ହି ଯିବାର ରୀତିବି ମୋବାଇଲ ମେସେଜ ଆରୁ ଫୋନ୍‌ନେ କଥା ହି କରି ଖତମ ହି ଯୋଉଚେ । ଭେଟ୍‌ଘାଟର ସାମାଜିକ ସଂପର୍କ ଆସ୍ତେ ଆସ୍ତେ ମରିଯୋଉଚେ । ସାମାଜିକ ସଂପର୍କ ସାଁସ୍କୃତିକ ନେଇ ହେଇକରି କାମ ଲିପ୍‌ଟାବାର ଲାଗି ଚଲେଇ ନିଆହୋଉଚେ ।

ବିଶ୍ୱ ବଜାରନେ ହି ଚାଲିଥିବା ସାଁସ୍କୃତିକ ହରନଚାଲ (Cultural Kidnapping) ପଶ୍ଚିମ ଉଡିସାର ଲୋକ ସଁସ୍କୃତିକନେ ଫେନି ଦେଖବାକେ ମିଲୁଚେ । ଇଟା ଉତ୍ପାଦନ ନିହିର ଲୋକ ସଁସ୍କୃତି ଆରୁ ପ୍ରଦର୍ଶନ କଳା (Producation ori-

ental culture and performing art) ନେ ଟିକେ ଅଧକା ଦେଖାଯାଉଚେ ।

ପଶ୍ଚିମ ଉଡିସାର ଲୋକ ଉତ୍ପାଦନ ଯେନ୍‌ତାକି ସାଡି, ମେଟ୍‌କାମ (ଟେରାକୋଟା), କାଠ କାମ, ସବୁ ନିଜର ପହେଚାନକେ ହଜେଇକରି ପୁଂଜି ଲଗାନକାରୀ, ରାଜନୈତିକ ଚାଲ ଭିତରେ ଦୁସରା ନାନେ ପରିଚିତ ହେବାଟା ଲୋକ ସଁସ୍କୃତିର ବିକାସନେ ଗୋଟେ ବରକସ ବାଧା ଏ । କହେବାକେ ଗଲେ ପଶ୍ଚିମ ଉଡିସାର ଲୋକ ସାଁସ୍କୃତିକ ଉତ୍ପାଦନ ଇ ସତାଦିନେ ଲୋକମନକର ଠାନୁ ହରନଚାଲ ହି କରି ବେପାରୀ, ଅର୍ଥନୈତିକ ବଜାରର ପ୍ରାୟୋଜିତ ସଁସ୍କୃତି (Sponsored culture) ହି ବସଲାନା । ମଁଚ, ବଜାର, ସହରୀ ଜୀବନ, ଆଧୁନିକ ରଙ୍ଗ ଢଙ୍ଗ ଯେନ୍ ଯେନ୍ ଲୋକ ସଁସ୍କୃତିକ ପୁଂଜି ଲଗାନ୍‌କାରୀ ମନକେ ନେଇ ଚାହେଁବାର ସେଟା ସବୁ ଧସ୍ ହି ବସୁଚେ ଆରୁ ତା'ର ବଦଲନେ ନୂଆ ସଁସ୍କୃତି ତିଆରି ହି ଚାଲିଚ । ଇ ନୂଆଁ ସଁସ୍କୃତି ଉପରର ଖୋଲପା, ପିନ୍ଧନ, ଓଢନ୍, ଆଏ ଅଲଙ୍କାର ଜାକ୍‌ଯମକକେ ଧରିକରି ପଛିମ ଉଡିସାନୁ ବିଶ୍ୱ ବଜାରକେ ନାଁ କମେଇବାର ଲାଗି ଗଲାବେଲ୍‌କେ ନିଜର ମୂଳ ଦର୍ସନକେ ଛାଡି ଦିକରି ଉପଭୋକ୍ତା, ଦର୍ସକମନକର ମନମାଫିକ ତିଆରି ହୋଉଚେ । କହେବାକେ ଗଲେ ପହେଚାନ କାଯେ ବେପାର ବଡହି ଯାଇଚେ ଆରୁ ସାଁସ୍କୃତିକ ମଂଜ ସୁରୁ ହେଡେଲ ଯୋଉଚେ । କେତେଟା ସଁସ୍ଥା, ଅନୁଷ୍ଠାନ ନିଜର ପରଂପରା ସଁସ୍କୃତିକେ ବଁଚେଇବାର ଲାଗି ଯଦି ବି ଆଧୁନିକ ବଜାରର ଢଙ୍ଗକେ ନିଜର ବାଟେ ଘିଚ୍‌ବାର ଚେଷ୍ଟା କରୁଚନ ସେମାନ୍‌କେ ନାକେଦମ ହେବାକେ ପଡୁଚେ ।

ଏବର କାଯେ ପଛିମ ଉଡିସାର ଗୁଟେ ନୂଆ ପହେଚାନ ହୋଉଚେ ତାର ନାଟ୍ । ଇଟା ଲୋକ୍‌କଲା ସଁସ୍କୃତିର ଉପାଦାନ ନେଇ ହେଲେ ବି ସାଁସ୍କୃତିକ କାମ ହିସାବେ ଇ ନାଟ ରାଏଜ୍ ଆରୁ ଦେସ ଭିତରେ ଦର୍ସକମନକେ ନିଜର ବାଟେ ଟାନ୍‌ବା ସଙ୍ଗେ ସଙ୍ଗେ ଗୋଟେ ନୂଆ ପହେଚାନ ବନେଇ ପାରିଚେ । ନିଜର ଭସା ସଁସ୍କୃତିକେ ବଚେଁଇବା ସଙ୍ଗେ ସଙ୍ଗେ ଦୁନିଆର ମନ୍‌କେ ନିଜର ଆଡ୍‌କେ ଘିଚବାରେ ନାଟ୍‌ମନକର ଭୂମିକା ନେଇ ଛାଡିହିଏ ।

କହେବାର କଥା ଇଟା କି ଗୋଟେ ଇଲାକାର ସାଁସ୍କୃତିକ ପହେଚାନ ଯଦି ସାଁସ୍କୃତିକ ଦର୍ସନକେ ଛାଡିକରି ବଜାର ହିସାବେ ନିଜକେ ତିଆରି କରବା ବେଲେ ସେ ନାଁ କମେଇ ପାରେ, ଦେସ ବିଦେସକେ ନିଜର ଆଡ୍‌କେ ଘିଚି ପାରେ ହେଲେ ନିଜର ସଁସ୍କୃତିକେ ମାରିଦେବାର ଗୋଟେ ସଲାସୁତରା ବଲି କୁହାଯାଏସି । ପଛିମ ଉଡିସାର ସାଁସ୍କୃତିକ ପରଂପରା ଯେନ୍ ପହେଚାନ ସେଟାକେ ବରକସ ରଖିବାର କାଯେ ଏବରନୁ ସବକେ ଜଗତିଆର ହେବାକେ ପଡ୍‌ବା, ନେଇ ହେଲେ ବୁଢା ଲୋକମନେ ଆମର ଚେଲ ଚଲନ୍‌କେ ନିକରି ତାକର୍ ତାକର୍ ଯେନ୍ କଥା ହେସନ୍ କାଲକେ ଆମେ ବି ସେନ୍‌ତି ହେବାକେ ପଡବା ।

**ହିଲଟାଉନ, ଭାବନୀପାଟଣା,**
**କଳାହାଣ୍ଡି**





# ‘ଡ଼ାଲଖାଇ’ର୍ ମୁଲ୍-କଥା

ଗୁରୁଜୀ ଡ଼କ୍ଟର ଦୋଲଗୋବିନ୍ଦ ବିଶି

**କୋଶଲି ଭାଷା, ସାହିତ୍ୟ, ସଂସ୍କୃତିର ଝନେ ସିଆନ ଗବେଷକ ହଉଛନ ଗୁରୁଜୀ ଦୋଲଗୋବିନ୍ଦ ବିଶି । ସଂସ୍କୃତି, ପରମ୍ପରା ଦିଗେ ଗବେଷଣା କରବାର ସାଂଗେ ଭାଷା ଆନ୍ଦୋଳନକେ ଉବାଗର କରବାରଥି ତାଙ୍କର ଲେଖାମାନେ ବାଟ ବତାସି ।**

କୋଶଲବାହୀର ଧର୍ମାଚାର ଆରୁ ମଙ୍ଗଲ-ନାଚ ମାନଙ୍କର ଭିତରେଁ ‘ଡ଼ାଲଖାଇ’ର ନାଁ ଶିଘାଥି ରହିଛେ । ଇତାର ନାଁ ଭି ଦେଶ-ବିଦେଶ ଥି ରାବା ହେଇସାରିଛେ । କେ’କେନ୍ତା ଡ଼ାଲଖାଇକେ ସମଲପୁର ଆରୁ ବଲାଙ୍ଗେର ଇଲାକାର ମୁଲ-ଲୋକନାଚ ବଲି ବଲସନ୍ । ଇ ମତକେ ମାନିନେବାର ଆଘୋନୁ ଇତାର ଐତିହ୍ୟ ଆରୁ ଅବକେଇଟା ବାବ୍‌ଦେଁ ଟିକେ ଛାଏନ୍ କରବାର୍ ଚାହି । ‘ସାଂସ୍କୃତିକ-ବିସରନ୍ ସୁତ୍ର’ର ଧାରାଥିଁ ଡ଼ାଲଖାଇ ନାଚ ଇ ଦୁହି ଇଲାକାନେ ଯହ ବହଲ ହେଇକରି ଫଏଲିଛେ- ଉହ୍ନିଆ ଇଲାକା ମାନକେ ଟିକେରଟେ ପାତଲ ହେଇକରି ରହିଛେ । ତାହାବଲି, ଇତାର କ୍ଷେତ୍ରବୋଧକ ପହେଚାନ କେ ସାଁକରି କରି ଦେଇକରି ଠାନେ କି ଦୁଇଠାନର ମୁଲ-ନାଚ ବଲି କହି ନାଇଁ ଦେଇହୁଏ । ଅପରଛନେ ହଉ କି ପରଛନେ ହଉ,ସବୁ ଇଲାକାର ସବୁ ଆଦିବାସୀ ସମାଜ ଆରୁ ତାକର ସାଙ୍ଗେ ମେଶିକରି ରହୁଥିବାର ଉହ୍ନିଆ ଜନଜାତି ସମାଜ ଥିଁ ‘ଡ଼ାଲଖାଇ-ଅନୁଷ୍ଠାନ’ ରହିଛେ । ପ୍ରାଚୀନ ମାହାକାନ୍ତାର (କାରୁଣ୍ଡ)ର ସାଂସ୍କୃତିକ-ଐତିହ୍ୟ କେ ଉଖ୍‌ରେଇ ଦେଖଲେ ଜନାପଡ଼ସି ଯେ- ଗୁଟେ ସମହାଁ ଥିଁ ଅଭଗେଲ କୋରାପୁଟ, କଲାହାଣି ଆରୁ ବସ୍ତରର ଆଦିବାସୀମାନେ ବନ ଭିତରେ ‘ପତରିପାଟେ’ ରୀତି-ରିକମାଥି ସେବା କରୁଥିବାର ଦେବୀ ବୁନମ୍ମା (ବୁନୁମ୍ମା) ଏକା ପଛେଁ ଡ଼ାଲଖାଇ ଦେବୀ ନାଁ ଥି ସେବାପୂଜା ପାଏଲେ । ସେଥିର କାଜେ ଇ ଦେବୀ ହଉଛନ କୋରାପୁଟ, କଲାହାଣି ଆରୁ ବସ୍ତରର ଦେଶ-ଗଡ଼େନ (କ୍ଷେତ୍ରୀୟ) ଦେବୀ । ଯେନ୍ନେ ଆଦିବାସୀ ରହିଛନ, ସେନେ ଯେନ୍ ରୂପେଁ ଭି ହଉ-ଡ଼ାଲଖାଇ ଦେବୀଁକର ସେବାପୂଜା ହଉଛେ ଆରୁ ତାର ସଙ୍ଗୁଆଲ ନାଚ-ଗୀତ ଗଲେ ରହିଛେ । ଆଦିବାସୀ ସଂସ୍କୃତିନେ ଦେ’ଦେବତା ସେବାପୂଜାର ସାଦନ୍ ହଉଛେ- ଲଦିଆ, ଡ଼ାହି, ଡ଼ାଲ, ଗଛ ଆରୁ ପଖନ (ପଛେ), ନାଚ-ଗୀତ ତ ଇ ମାନକର ଧର୍ମାଚାର ବିଧି ସାଙ୍ଗେ ସାଆଁଲା-ଜାଆଁଲା ହେଇ ରହିଛେ । ଆଦିବାସୀ ମାନକର ସେବାପୂଜା ଅର୍ପନାର ବଡ଼ ସାଦନ୍ ଭି ହଉଛେ ନାଚ-ଗୀତ । ତ, ସାର କଥା ହେଲା:- ଆଦିବାସୀ ମାନକର ସେବା-ପୂଜା ସୁତ୍ରର ପ୍ରାକୃତିକ ଆଧାର ‘ଡ଼ାଲ’ ଆରୁ ସେବା-ପୂଜାର ବଡ଼ ସାଦନ୍‘ନାଚ-ଗୀତ’ଇ ଦୁହିଁଥିର ମିଶାଭିରାନୁ ଡ଼ାଲଖାଇ-ଧର୍ମାଚାର ଅନୁଷ୍ଠାନର୍ ଉପସନ ହେଇଛେ । ଡ଼ଙ୍ଗର-ପର୍ବତର ଶିଗେ ଆରୁ ଖମନ (ଘୋର-ଅରଣ୍ୟ) ଭିତରେଁ ପୂଜା ପାଉଥିବାର ‘ବୁନମ୍ମା’ ଥିଲେ ସାକ୍ଷାତେ ବନ୍‌ଦେବୀ-ବନଦୁର୍ଗା । ଇ ବନଦେବୀ ପଛର ସମିହାଁ ଥି ଝାରବାଟର ଦେବୀ (ବନପଥ-ଦେବୀ) କି ପନ୍ଥେଇଦେବୀ (ପନ୍ଥେଇ) ହିସାବେଁ ସବୁ ବନବାସୀ ଆରୁ ବନ୍‌ବାଟେ ଯା’ଆସ କରୁଥିବାର ଲୋକ ମାନକର ହାତେ ସେବାପୂଜା ପାଏଲେ । ଇ ଦେବୀଁକର ବାବ୍‌ଦେ ୧୫ଶ ଶତାବ୍ଦୀର ମାହାଁକବି ସାରଳାଦାସ ତାକର ମାହାଭାରତ ଥି ବରନନ୍ କରିଛନ୍ । ଇନୁ ପରଛା ଜନା ପଡୁଛେ ଯେ- ଡ଼ାଲ କି ଲଦିଆ (ଶାଖା) ନେ ପୂଜା ପାଉଥିବାର ‘ଡ଼ାଲଖାଇ ଦେବୀ’ ହଉଛନ-ବନଦେବୀ-ବନଦୁର୍ଗାଙ୍କର ସୂଚକ ରୂପ । ବନଦେବୀ ରୂପେଁ ‘ଡ଼ାଲ’ କି ‘ଶାଖାଦେବୀ’କଁର ବରନନ୍ ପାଲି-ଜାତକ-ସାହିତ୍ୟ ଥିଁ ଭି ରହିଛେ । ‘ବୋଧିସତ୍ୱ’ ଗୁଟେ ଜନ୍‌ମେ ରୁକ୍‌ଖ ଦେବତା (ବୃକ୍ଷ) ଥିବାର କଥା ଜାତକ-ସାହିତ୍ୟନେ ଅଛେ ।

ଡ଼ାଲଖାଇ ଦେବୀର ସେବା-ପୂଜାକେ ମୂଳ କରିକରି ଡ଼ାଲଖାଇ ନାଚର ଉପସନ୍ ପୂର୍ବାପୁର୍ଷା ଯୁଗନୁ ହେଇଛେ । ଜୀବନ



ଆରୁ ସମାଜର ଚାହାନାର ହିସାବେଁ ଭାବୁଥିବାର୍ କାଜେ ସମିହାଁ ଉତାରୁ ଇ ନାଚ ଭିନେଭିନେ ବୁରୁନ୍ଦ୍ (ଗୋଷ୍ଠୀ) ଆରୁ ଇଲାକାର ଆଦର ପାଇକରି ଅମତେଇ ହେଇତେଲ ଗଲା । ହ'ତେଲ ହ'ତେଲ ଇନେ ସେ ସେ ବୁରୁନ୍ଦ୍ ଆରୁ ଇଲାକାର ଅପନେଇ ଚାଖି-ଚଲନ୍ ଆରୁ ଲୁଚି (ଶୈଳୀ) ଭି ମେଶିତେଲ ଗଲା । ସେ ହିସାବେ ଉଷା-ବରତ,ଧର୍ମାଚାର ବିଧି ଆରୁ ଡ଼ାଲଖାଇ ନାଚ କେ ନେଇକରି କଥାନୀ-କିମ୍ବଦନ୍ତୀ ମାନେ ଭି ବନିକରି ମିଶ୍‌ଲା । ବୁନମ୍ବା (ବୁନୁମ୍ବା) ଦେବୀଁକର ସେବାପୂଜା ଅନୁଷ୍ଠାନ ଆରୁ ସେଥିର କାଜେ ନାଚଗୀତ ର ସାମାକୋଲ (ଆୟୋଜନ୍) ପୂର୍ବେ ସଭେ ମେଶିକରି ଦଶରା ମାସର 'ଭାତୃଦୁତିଆ' ଠାନୁ ମାହାଁଷ୍ଟମୀ (ଦୁର୍ଗାପୂଜା) ତକ୍ ଚଲଉଥିଲେ । ନ'ମୀ (ନବମୀ) ଦିନେ 'ଡ଼ାଲ ବହଲା-ଡ଼ାଲଖାଇ ନାଚ' (ଡ଼ାଲ ବିସର୍ଜନ) ସାଙ୍ଗେ ଦେବୀଁକର ସୂଚକ୍, ଗୁଟେ'ଡ଼ାଲଖେନି'(ଲଦିଆ/ଶାଖା) କେ ଆଦିବାସୀ ମାନେ ନେଇକରି ଜୋର/ନଲିଆ/ନଦୀର ଧାରେଁ ବହଲେଇ ଦଉଥିଲେ । କେତେଟା ଆଦିବାସୀ ଇଲାକା ନେ ଇ ରୀତି-ରିକ୍‌ମା ଥାଇକରି ଭି ଆରୁ କେତେଟା ଉହ୍ନିଆଁ ଧର୍ମାଚାର ବିଧି ସାନିଗୋବି ହେଇ ରହେଲା । ପଛକେ ପଛ 'ଡ଼ାଲଦେବୀ' ହେଇଗଲେ 'ଶସ୍ୟଦେବୀ' । (କେନ୍ତାକରି,ସେଟା ଲେଖିଲେ ଖୋବ୍ ଲମା ହେବା) । ବୁନମ୍ବା ଦେବୀକେ ଯହଭାଗ ଆଦିବାସୀ ମାନେ ପଛର ସମିହାଁ ନେ 'ଡ଼ାଲଖାଇ' ନାଁଥି ଆରୁ'ଶସ୍ୟ ଦେବୀ'ରୂପେନେ ମଗଶୀର ମାସର ଛେଦ ଗୁର୍‌ବାର (ଶେଷ୍ ଗୁରୁବାର) ନୁ ଦୁଇଦିନ ତକ୍ ଆବାହନ କରି ରଖୁଥିଲେ ଆରୁ ସେ ସମିହାଁ ନେ ଡ଼ାଲଖାଇ ନାଚ ନାଚିକରି ଦେବୀଁକୁ ସେବାପୂଜା କରୁଥିଲେ । କୋଶଲାଂଚଲ ନେ ଦଶରା ମାସର ଭାତୃଦୁତିଆନୁ ସାତଦିନ ତକ ଡ଼ାଲଖାଇ ପୂଜା ଆରୁ ନାଚ ହେସି । ହେଲେ, ଏଭେଁ ବି ଅଭଗେଲ୍ ବଉଦ-ଫୁଲବାଣୀର କନ୍ଧମାନକର ଡ଼ାଲଖାଇ ନାଚ ସେ ମଗଶୀର ମାସର ଛେଦ ଗୁର୍‌ବାର ଦିନୁ ଆଗତର ଦୁଇଦିନ ତକ ହେସି । କଲାହାଣି ଆରୁ କୋରାପୁଟର କନ୍ଧ ମାନକର ଭିତରେଁ ଡ଼ାଲଖାଇ ନାଚର ଇ ଶୀରା (ପରଂପରା)ଏକା ରହିଆସିଥିଲା । ସଂସ୍କୃତିର ସନାଗୋବା କାଜେ ପଛେ ସେଟା କେତେ ହିସାବେଁ ବଦଲି କରି ରହିଛେ ।

ଡ଼ାଲଖାଇଦେବୀ କୁଆଁରୀ (କୁମାରୀ) ଦେବୀ । ଡ଼ାଲଖାଇ ସେବାପୂଜା ବି ମୁଳ ହିସାବେ କୁଆଁରୀ ପୂଜା (କୁମାରୀ-ଉପାସନା) ଇଟା ସତେଁ ଦେଖଲେ, ଗାଁ ଗଅଁଲିର କୁଆଁରୀ ଟୁକେଲ (ଝିଆସିନୀ) ମାନକର ଏକା ପୂଜା/ଉଷା । ଆଧିକର କଥା ଯେ, ପୂର୍ବେ ଡ଼ାଲଖାଇ ନାଚ ଥିଁ ଖାଲି କୁଆଁରୀ ଟୁକେଲ ମାନେ ନାଚୁଥିଲା ବେଲେଁ,ସେନେ ବଜନିଆଁ ଜାତିର କୁଆଁରୀ ଟୁକେଲ ମାନେ ବରତ୍ ପାଳିକରି ଉପାସେ ରହି ବଜା ବଜଉଥିଲେ । (ତଥ୍ୟ- ଟାପ୍‌ରାଙ୍ଗ, ଧୁମନିଆଁ ପ୍ରଗଣା-କଲାହାଣି) ଡ଼ାଲଖାଇ ନାଚ ଗୁଲେମୁଲେ ଧର୍ମାଚାର ନାଚ ଏକା ଥିଲା । ଇଥିର କାଜେ ଆମର ହିସାବେ ଡ଼ାଲଖାଇ କେ ମୁଳ ହିସାବେ

"କୁଆଁରୀ-ଧର୍ମାଚାର ନାଚ" ବଲି କହେଲେ ଠିକ୍ ହେବା । ଡ଼ାଲଖାଇ ଅନୁଷ୍ଠାନର କେତେଦିନ ଆଘୋନୁ ଭାଏବନ୍ଧୁ ଲୁକେବାକେ ସମକୁ ନିଉତା ଦିଆ ହଉଥିଲା । ସେମାନେ ଭି ଆଉଥିଲେ । ପାଟପୂଜା ଦିନମାନକେ ବେଶମୁଡ଼ା (ଗାଁବାହାର) ନେ ଥିବାର ଡ଼ାଲଖାଇ ଗୁଡ଼ି / ଖଲା ଥିଁ ଦେବୀକେ ଆବାହନ ଆରୁ ସେବାପୂଜା ଅର୍ପନା କରି ପୁଝାରୀ (ଜାନି/ଝାଙ୍କର) ମାନସା ଆଦରା କରି କହୁଥିଲା:-

ମା ଗୋ' ଡ଼ାଲଖାଇ !
ଧରତୀ ହେଇ ଧରିଛୁ
ଡ଼ାଲଖାଇ ହେଇ ଡ଼ାଲେ ଶାଗେ ପାଲି ରଖିଛୁ ।
ତର ସାରଦା ତର ଗିରଦା କାଜେ ମାଁ
ଦଉଛୁ (ପୂଜା)
ତର ବୋଲପାକାନୁ (ଆଶୀର୍ବାଦ) ଜାତ୍ ଇ କୁଆଁରୀ ଫୁଲକୋଡୋ ମାନେ,
ମନ ଯେ ନିରମଲ୍,
ଗାଗର ଯେ ପରଛଲ୍,
ତର ବନ୍ଦନା ଗାଇକରି ନାଚୁଛନ୍
ରିଝେନ୍ ହ' ମା
ସେମନକେ ନୁକୋ ଘରବର ମିଲୁ,
ଯେନ୍ ଡ଼ାଲ ଧର୍‌ଲେ ସେ ଡ଼ାଲ ଠଅଁରୁ
ସେ ଡ଼ାଲେ ପତର ପିକଲୁ, ଫୁଲଫୁଟୁ, ଫଲଧରୁ,
ଧନେ ଛତର, କୁଲେ ପୁତର ଦେବୁ
ଆନୁଥିବ ନଉଥିବୁ
(ବିହା ପଛେ ବାପ ଘରକେ)
ଆଏଁଛା ଭାଗେ ପାଉଥିବୁ,
କୁଆଁରୀ ମାଟି,କୁଆଁରୀ ଜମିନେ
ଧାନ,ମଡ଼ିଆ,କୁଦୋ,ଝାରି,ଗୁର୍ଜି
ବିରି,ଜନା(ମେକା)ଜଞ୍ଜର୍ଲା,ଫଲ ,
କାନ୍ଦୁଲ,କାଙ୍ଗୁ,ଝୁଲେର,ସେମି ମାନେ,ଫଲଉଥିବୁ,
ରୋଗ ବାଗ କେ ଗାଁ ଭିତର୍‌କେ ନାଇଁ ଛାଡବୁ..
ଗାଁକେ ଜୁଗି ରହିଥିବୁ ମାଁ...
ଆମେ ଶୁଇଥିଲେ,ତୁଇ ଚେତିଥିବୁ...
ବଛରେ କେ ଥରେ ଏନ୍ତା ନାଚନାଚି ଗୀତଗାଇ
ତକେ ସେବା କରୁଥିମୁ ମା... ।"

ଇ ଦିନେ ଡ଼ାଲଖାଇ ଦେବୀର ସେବାପୂଜା ସାଙ୍ଗେ ଝାର (ବନ) ଭିତରେଁ ଥିବାର ଅଏଁଲା ଗଛକେ 'ବନଦେବୀ' ରୂପେଁ ଆରୁ ଧାନଗଛକେ ଶସ୍ୟଦେବୀ ମା ଧନମତୀ ଲୁଛମା (ଲକ୍ଷ୍ମୀ) ରୂପେଁ ପୂଜା ଦିଆ ହଉଥିଲା ।

ଇ ଧର୍ମାଚାର ଅନୁଷ୍ଠାନ କେ ପାଲବାର କାଜେ ବୁଧବାର ଦିନୁ ଗାଁର କୁଆଁରୀ ସିହାନୀ (ନୂଆଁ ଭୁଆସେନ) ଆରୁ ସିହାନ୍ (ଧାଙ୍ଗା-ବିହାତି,ବିହା ହେଇଥିବାର ଧଙ୍ଗରା) ମାନକର ସାଙ୍ଗେ ବରତ୍ ବଦିଥିବାର ଲୁକେ ଉପାସ ପାଲୁଥିଲେ । ଘର-ଦୁଆର୍,ବାସନ-କୁସନ, ପିନ୍ଧନ-ଉଢ଼ଣ ଯାକ ସଫାସୁତରା କରି ନିରମଲ ପରଛଲ ହଉଥିଲେ । ଜାଉଁଲି (ଦୁଇଟା) ବୁକାକେ ବଲିଦେବାର ଲାଗି ଶିଙ୍ଗାର ସଜେଇ ରଖୁଥିଲେ । ସଞ୍ଜବେଲେଁ-ବଲିବୁକା,ପାହୁର,ଅକ୍ତାପତର,ମନ୍ଦାର-ସେନ୍ଦୁର,ବେଲପତ୍ରୀ,ପାଏନଝରି, ହଲଦୀ,କଁଚାଗୁରସ ସାଙ୍ଗେ ଦେବୀଁକର ବାନା-ବଏରଖ, ଛତର, ଅସ୍ତର-ଶସ୍ତର, ଚଅଁରମୁଠି, ମାନେ ବହରେଇ ବଜାଗଜା ଧରି ନାଚିନାଚି ସଭେ ଝାରକେ ଯଉଥିଲେ । ସେନେ ଅଏଁଲା ତଲେଁ ପୁଝାରୀ 'ବନଦେବୀ' କେ ପୂଜା କରୁଥିଲେ । ପୂଜାର ମୁଲ ପତରିପରା ବେଲେଁ ଦିଆରୀ (ବରୁଆ/କାଲିସୀ) ର ମୁଡ଼େ ଦେବୀ ଚଢୁଥିଲେ । ଦିଆରୀର ଦେହେକେ ଦେବୀ ଅବତରି ଆଏଲା ପଛେଁ ସେ ଦେବୀ ହେଇକରି ପାଲପଡୁ,ବରମାଗୁ,ଫାଲମାଗୁ ଗୁହାରିଆ ମାନକର ଦୁଖ-ଜଞ୍ଜାଲର ସବୁକଥା ଶୁନୁଥିଲେ ଆରୁ ବୁଝୁଥିଲେ-ସେ ହିସାବେ ଫଲ ବି ଦଉଥିଲେ । ସେନେ ଜାଉଁଲି ବୁକା ଭିତରୁଁ ପଟେକେ ବଲିପକେଇ କରି-ତାର ଶିକାର କେ ସେ ଝାର ଭିତରେ ଏକା ରାନ୍ଧିକରି ପର୍ସାଦ ପାଉଥିଲେ- ସେ ଗଛତଲେ ସଭେଁ ରାଏତ୍ ସାରା ରହୁଥିଲେ । ତା'ର ଆରଦିନେ ଦୁସରା ପଟେ ବଲିବୁକାକେ ସାଙ୍ଗେ ଧରି ଆଘୋର ବାଗିର ବଜାଗଜା ସାଙ୍ଗେ ଡ଼ାଲଖାଇ ନାଚ ନାଚିନାଚି ଗାଁକେ ଫିରୁଥିଲେ । ଇ ଆଡେ ଗାଁଥି ରହିଥିବାର ବାକି ଯାକର ଗାଁବାଲେ ସେମାନକୁଁ ପରଘେଇ ଆନବାର କାଜେ ଗାଁ ବାହାରେ ଯେଇକରି ଟାକି ରହୁଥିଲେ । ଦୁଇଦଲ୍ ଭେଟାଭୁଟି ହେବାର ଉତାରୁଁ ସଭେଁ ମିଶିକରି ସରଦା-ଗିରଦା,ସାଁକଲା-ସାଁକଲି ହେଇ, କେ'କେନ୍ତା କଲାସୁର (ମଦ) ପିଇ ଉଲାସ ଚଲନର ନାଚ ନାଚିନାଚି ଦେ'ଦେବତାର ତୁଷ୍ଟି ସାଙ୍ଗେ ଗୁରୁ/ସଖୀ ମାରିମାରି ଡାଲଖାଇ ଗୁଡ଼ିତକ୍ ଆଉଥିଲେ । (ଶାକ୍ତ-ଗୀତିକା ଆରୁ 'ସାବରୋତ୍ସବ' ର କାମ-ରସ୍ ଭିଜା ଗୀତ) ଗୁଡ଼ିକେ ସାତ ଭାଉଁର ବେଢ଼ା ବୁଲି ବୁକା ପୁଜିକରି ପୂଜା ଉଜୁଥିଲେ । ଏତକିବେଲେଁ ଫେର୍‌ଘାଏ ଡ଼ାଲଖାଇ ଦେବୀ ଦିଆରୀ ମୁଡେ ଆସୁଥିଲେ ଆରୁ ବଲିର କଁଚା ରୁଧି (ରୁଧିର) ପିଉଥିଲେ,ଆହାର(ଧୂପ)ନଉଥିଲେ । ଝାରୁ ଫିରବାର ବେଲେଁ ସଭେଁ କେରେ ଲେଖେନ 'ଧାନଗଛ' ଧରି ଆଉଥିଲେ । ସେସବୁକେ ପୁଝାରୀ ଡ଼ାଲଖାଇ ଦେବୀକେ ଛିଏଇଁ ଛିଏଇଁ ଦେଇକରି ଯା'ର୍‌ଟା ତାହାକେ ଫିରେଇ ଦଉଥିଲେ । ପୂଜା ସରୁଥିଲା । ଯାର ଧାନକେରାକେ ସେ ଧରିକରି ସଭେମେଶି ଫେର୍ ନାଚିନାଚି ଘରମାନକେ ଫିରି ଯଉଥିଲେ । ପୂଜାକୁଠି ଥିଁ ଧାନମାନକେ ରଖିକରି ପୂଜାକରୁଥିଲେ ଆରୁ ଦେବଗୁନିଆଁ ମାନକର୍ ଟୁଣ୍ଡ ଲଖୀଁ-ପୁରାଣ ଶୁନୁଥିଲେ । ସେ ସାଙ୍ଗେ ଦେବଗୁନିଆଁ ମାନକର'ବ୍ରହ୍ମବୀଣା'କେ ଭି ପୂଜା କରାଯଉଥିଲା । ଉନ୍ହିଆଁ ଫାଲର ଡ଼ାଲଖାଇଗୀତ ସରଲ ହେଇଥିଲା ବେଲେଁ ଇ ଇଲାକାର ଡ଼ାଲଖାଇ ଗୀତର ଟେକା,ଚଲନ,ବହଲା, ଭିତରେ ଛଟକନ୍ ମରା,ଘେଁଷା ଆରୁ ଲହର ଭି ଟିକେ ଭିନେ ଥିଲା । କେନ୍ନେ କେନ୍ତା ଅଛେ ତାଏଲ ଭି ।

**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ**
**ଡ଼ି.ଏ.ଭି. ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଟିଟିଲାଗଡ଼, ବଲାଙ୍ଗିର**



# କୋଶଲ ବାହିର ଲୋକ ବଜା

ଗୁରୁଶ୍ରୀ ଡ. ଘାସିରାମ ମିଶ୍ର

**ଗୁରୁଶ୍ରୀ ଘାସିରାମ ମିଶ୍ର ସଙ୍ଗୀତ ଜଗତର ମହାନ ଗୁରୁ । ଶାସ୍ତ୍ରୀୟ ସଙ୍ଗୀତ ଆରୁ ଲୋକ ସଙ୍ଗୀତ, ଦୁହିଥି ଭରିରହିଛେ ତାଙ୍କର ଗ୍ୟାନ୍ ଭଂଡାର । ତାଂକର କୋଶଲି ଦଶାବତାରକେ ନେଇ ଏଭେ ସବୁନେ ଚର୍ଚ୍ଚା ହଉଛେ । କୋଶଲି ଭାଷାର ବଢ଼ତି ଦିଗେ ବି ଲହଁପି ଯାଏସି ତାକର ମନ ଆରୁ ତନ ।**

ବିଶ୍ୱର ବଜାଗଜା ଉଦ୍‌ଭାବନ ଦିଗକେ ନିଘେ କଲେ ଗୁଟେ କଥା ବାରି ହେଇ ଯଉଛେ, ହେଟା ହେଲା ଭାବକେ ଫୁଟାବାକେ ଧ୍ୱନି ଗୁଣ ଆର ସମିଆ କେ ଲୟେ କରବାରଟା ଇ ଦୁହି ଦିଗର ମୁଲ କଥା । ଏକା ମହାଜାଗତିକ ଧାରାନ ଭରପୁର । ସୃଷ୍ଟି ସିର୍ଜିନାନୁ ମୁଲକରି ମୁନୁଷର ଜନମ ପଥେ ହେ ମହାଜାଗତିକ ଆର ତାହାକେ ଚଲ ପରଚଲ କରୁଥିବା ସମିଆ । ବେଲୁ ବେଲକେ ଜଗତେ ବୁଦ୍ଧି ଜ୍ଞାନଥିବା ମୁନୁଷ ଜନମ ହେଇଛେ ।  ତେତକେ ମହାଜାଗତିକ ଧ୍ୱନି କେ ଟିକନିକ କରି ଇ ମୁନୁଷ ନିଘେ କରିଛେ । କେତେବେଲେ ଛାତି, ଚୁତଲ ତ ଆର କେତେବେଲେ କାଠକେ କାଠ, ପଥର କେ ପଥର ଠଟେଇ କରି ହେ ସବଦ (ଧ୍ୱନୀ) ଅନୁକରଣ କରିଛେ । ସଂସ୍କାର ପାଇତେଲ ଜେଇଛେ ଯେନ୍ତା ବଜାଗଜା ମାନେ ଗଲା ହେ ମହାଜାଗତିକ ସବଦ କେ ଠୋଲ କରି ଅବିକଲ ନକଲ କରବାର କାଜେ ବନେଇଛେ । ହାତେ, ବାଡି, କାଠି ବଉଁସ ପତିଆ ସଂଗେ ଘସା ରେଥା କରି ସବଦ ମାନକୁ ଉଭୁରାବାର ଉପେ କରିଛେ । ଏନ୍ତା କବାର ଆଜିର ଟା ନୁହେଁସେ, କେନ ପଥର ଯୁଗୁ ଯେତେବେଲେ ଭାରତ 'ଆର୍ଯ୍ୟାବର୍‌ତ' ନାଁ'ର ଆଘୋ କୈମୁର ନାଁ ଥି ଜନା ଜାଉଥିଲା । ହେ ଯୁଗୁ କୋଶଲ ବାହି ଆଦି ମୁନୁଷ ଠାରୁ ଇ ଅକଲ ବାଟିଁ ଛେ, କାଁଯେ ବଏଲେ କୈମୁର ଅରଥ ଗୁଫାଁ, ଖୁଲେ ରହେବାର ଲୋକକେ କହୁଥିଲେ । କୋଶଲ ବାହି ହେନ୍ତା ଖୋଲ ଗୁଫାଁ ଯାହିଁ ତାହିଁ ହେ ଗୁନୁ ମାନବିକ ସଭ୍ୟତା ତାଲଏକା ଥି କୋଶଲର ନାଁ ଗାଁ ଗଲେ ପୁରାନେ ଲେଖା ହେଇଛେ । ଗୁଫାଁ ଥି କି ଖୋଲ ଥି ରହେବାର ମୁନୁଷ ଏକା ମାହାଯାଗତିକ ସବଦର ଛୋଟ ବଡ, ସରଲ, ଫିରା, ସବଦ, ଘସି



ହେଲା ସବଦକୁ ବନେକରି ସୁନିଛେ, ଚିଁତା, ଚୈତନ ଭିତରେ ଢୁକେଇକରି ଗୁଟେ ଗୁଟେ ବଜା ବନେଇ ଛେ ଆର ସମାଜ କେ ସପିଁ ଦେଇଛେ । ଧଏନ, ଏ କୋଶଲ ମାଏଟର ସବଦ ସଁକଲା କୌଶଲ ଆଏ ବୋଲି ଆଜି ପୃଥି ବାସି ପରସଁସା କରୁଛନ ।

ବଜା ମାନକର ନାଁ ଗାଁ, ତାକର ସବଦ ଗୁଣ ମାନକୁ ଦୁଇ ହିଁସା କରି ପରଖିଲେ ବୁଝବାର କେ ଆର ଭିଡ ନେଇଁ ଧରେ । ଆମର କୋଶଲ ବାହି ପୁରବର ସିଆନ ମୁନୁଷ ମାନେ ଅବରତନ୍ ବିବରତନ୍ ଗତିକେ ଯାନଲା ବାଗିର ଗୁଟେ ହିଁସା, ବିନ ଖଏରନ(କିରଣ) ଆର ଗୁଟେ ହିଁସା ଖଏରନ ଦେଇକରି ସବୁ ରସର ବ୍ୟବହାର କରି ଗୁଟେ ଗୁଟେ ବଜା ସିରଜିନା କରି ଯେଇଛନ । ଇଥୁ ପରମାନ ମିଲୁ ଛେ ଜେ ସବଦର ଲଏ ସଂଗେ ତାର ତରଙ୍ଗର ଗଭିର କେ ଖେପି ପାରିଥିଲେ । ହେ ମାହାପୁରୁଷ ମାନେ ।

**ବିନ ଖଏରନ ବଜା : -**

ଢୋଲ, ନିସାନ, ଟିମକିଡି, ତାସା,ଢ଼ାପ, ଘୁବୁକୁଡ୍ଡୁ, ଘୁମୁରା, ଡଁଡ ଢ଼ୋଲ, ଡିଙ୍ଗରା, ଢୁଲକି, ଢୁଲକ, ଗୁଁଗୁଁ ବଜା, ଖଜନି ଇତ୍ୟାଦି ।

**ଖଏରନ ଲଗା ବଜା : -**

ମାନ୍ଦଲ, ମରଦଲ, ସଂପ୍ରଦା ଖୋଲ, ରଙ୍ଗ ଖୋଲ, ଉଦଣ୍ଡ ଖୋଲ, ମାନ୍ଦଲି (ଟିଙ୍ଗାଲି ମାନ୍ଦଲ),

**ଫୁକବାର ବଜା :-**

ମୁହୁରି, ଆଡ ବଏଁସି, ଠାଡ ବଏଁସି, ଭାଲୁ ବଏଁସି, ଶିଙ୍ଘା, ବିର କାହାଲି, ଭେରି, ତୁରି, ବିନ ।

**ରେତାଁ ଅପରାଁ ବଜା :-**

ସାରଙ୍ଗି, ଦେବଗୁନିଆ, ଗୋପି ଜନତର ବାଗିର ଆର କେତେ ନି କେତେ ।

**ତାଲ ଦିଆ ବଜା :-**

ଗିନି, କୁବଜି, କୁବଜା , ତାଲ, କସତାଲ, ଝାଜ, ରାମକାଠି, କାଠି, ଟମାକୋଡୋ, ଖିଡକିଖିଚ(ଚେରେଠୁକା), ଝୁମକା, ଘୁଙ୍ଗୁରୁ, ନୁପୁର, ଚାପ, ବିନା ବାଡ଼ି, ଘଁଟି, ଘଁଟ, ବମରୋ ଝୁମକା, ଘାଗଡ଼ି, ଘୁଲଘୁଲା, ଝଲାଝଲମାଲ, ଆର କେତନିକେତେ, ଜାଗା ଜାନି ନିଜର ବତରେ ଏନ୍ତା ତାଲ ଦିଆ ବଜା କେତେ ଯେ ଅଛେ, କେତେ ହେତୁ କରି ହେବା ।

ଇ ସବୁ ବଜା ବେବହାର ଗଲା ଘର ଭାଗ ହେଇଛେ । ଦେବି ଦେବତା ପୁଜା(ଆଧାତ୍ମ), ଖ- ବିହାବରପନ, ଗାଁ ମା ସବୁ କବାରେ (ସାମାଜିକ), ଗ- ଉସତ ଆନନ୍ଦ ନାଚ ଗିତ (ମନୋରଂଜନ) ଆର ପରର ବରାତି ବଜେଇ ପେଟ ପୁସବାର (ଅର୍ଥନୈତିକ) ଇ ଘରି ପରକାରେ ବେଭାର କରସନ ।

**ପହେଲା ବଜା ମାନଙ୍କର ଗଠନ ଆର ତାର ଭିତରେ ଥିବା ସବଦ ଗୁନ କେ ଇଚରାମା : -**

କୋଶଲ ବାହିର ଶିଘା ଗଁଡା ବଜା (ଗନ୍ଧର୍ବ ବଜା), ତାର ଆର ଗୁଟେ ନାଁ ଗଲା ଅଛେ ପଂଚ ବାଏଦ, । କାଁ ଯେ ବଏଲେ ପାଚଁ ପରକାର ବଜାକେ ଗୁଟେ ମେଟି ବଜାସନ କ- ଢ଼ୋଲ, ଖ-ନିସାନ, ଗ-ଟିମକି, ଘ-ତାସା ଓ ଙ-ଫୁକା ବଁଜା ମୁହୁରୀ ।

**ଢ଼ୋଲର ଗଠନ: -**

କୋଶଲିଆ ଗଁଡା (ଗର୍ନ୍ଧବ) ଢ଼ୋଲ ଶବଦର ଭେଦକେ ଠିକ ଉତରେଇ ଛେ । ସୁଖା ଦଳମ ଗଛ, ଡେଡ଼୍ ହାତ ଗ,ର ଆଙ୍ଗୁଲ ଲମ୍‌ଟିକେ ଅଏତକା କାଟିକରି ତାର ଭିତରେ କେ ପୁଲା କରି ଦିଆ ଯାଏସି । ଧାମସ (ବାମ) ଫାଲେ ଗୁଡେ ବଉଁସ ମଲାଁ ବନେଇ ଢ଼ୋଲର ମୁହୁକେ, ପୋଢ଼ ଛାଲେ ଛୁଆଁ ଯାଏସି । ହେନ୍ତା ତାଲି ଫାଲ ଚିକନ ପାତଲ, ଚମଡା ଥି ବଉଁସ ମଲାଁ ଥି ଛାଇ ଥିସନ । ଦୁହି ପାଲ କେ ସମ କରି ରଖବାର କାଯେ ବାର ଘର ମାଲୋଖିଲି କରି ବାଦି ଭିଡିଥିସନ ଧାମସ ଫାଲେ ଖଡା (ବାଡି) ଥି ତ ତାଲି ଫାଲେ ପାପଲି ଆଙ୍ଗୁଠ ନ ବଜାସନ । ଅ+ଭ+ମ ବାଗିର ଧାମସ+ତାଲି+ଆର ଦୁଇ ଫାଲ, ଦେବା ଫାଲେ 'ଅ' ନାହିର ଶବଦ ଭୁଂଜା ଫାଲେ 'ଉ' ଛାଡିର ଶବଦ ଅତର ଶବଦ ଆର ଦୁହିଁ ଫାଲେ ଶବଦ ମିଶଲେ 'ମ' ନାଦ ଜନମ ହେସି ବୋଲି ଓମ କେ ପ୍ରଣବ ବଲସନ । ଆର ଢ଼ୋଲକେ ପଣବ । ଇ ଢ଼ୋଲ ଆକାଶର ମାଏନତା ପାଇଛେ ।

ଇ ଢ଼ୋଲ ବଜାନ କେତନିକେତେ ପାର ବଜା ହେସି । ଜେନଟାକି ଉନିହାଁ ଉଲାକାନ ଢ଼ୋଲ ଥିଲେ ଗଳା ଏତେ ପାର ନି ବାଜେ ହେ କଥା ଏକା ଆମର ଗରବ ଆଏ ।

**ନିସାନ : -**

ଆଘୋ ମାଟ ହାଏଁଡ, ଥି ବନା ଜଉଥିଲା । ନେବା ଆନବାର ସଜ କାଁଜେ ଆଏଜ ଲୁହାନୁ ବନା ହେଉଛେ, ଲୁହାର ବଡ ହାଏଁଡ ର ଅଟାଁ ଆର ମୁହୁଁ ଠାନେ ଦୁଇଟା ଲୁଆ ମରଲାଁ ଲଗେଇ କରି ଉପରେ ପୋଡ ଛାଲ ଥି ଛାଏଁସନ । ଦୁଲଦୁଲ ଗଭିର ସବଦ ହେବାର କାଁଯେ ଅଙ୍ଗେନ ଦେସନ ବଏଲାକେ ନିସାନ ସବଦ ଘୁମୁରି ଉଡସି । ଇ ବଜାକେ ଐତିହାସିକରେ ପୃଥିବିରେ ପହେଲା ବଜା ଭୁମି ଦୁଲଭି ସଂସ୍କାରି ରୂପ ଆଏ । ପାଏନର ଲହଡା ବାଗିର ଲପ ଲପ କରୁଥିସି ବାଗିର ସମୁଦର ସଂଗେ ଜୋଲ କରସନ ।

**ଟିମକି :**

ଇଟା ନିସାନ ବାଗିର ଟା । ହେଲେ ନିସାନ ଠାନୁ ଛୋଟ ଆର ଛାଏନି ଥି ଅଙ୍ଗେନ ନି ଲାଗୋ ଇତାର ସବଦ, ମାଏଟ ବାଗିର ଦୁମଦୁମ ହେସି ବଲି, ଧରନି ସଙ୍ଗେ ଜୋଲ କରସନ ।

**ତାସା :**

ମାଟିର ତେଲେନ ବାଗିର ଥିସି । ତାହିଁ ଛେଲ ଛାଲ କେ, ବଉଁସ ପତିଆ ମରଲା କେ ଗୁରେଇ ଛାଏଁସନ । ଇତାର ସବଦ ଜୁଏ ସିଘା ଜଲଲା ବଏଲକେ ଜେନ୍ତା ଚଡ ଚଡ କରୁଥିସି ହେନ୍ତା ଇତାର ସବଦ, ତାସା କେ ଜୁଏର ସବଦ ଭାବ ବଲସନ ।

**ମୁହୁରୀ :**

ଗୁଟେ ବାଉଁସର ନଲି ନ ସାତଟା ଫୁଁଡ କରି । ତଲି ଫାଲେ ପିତଲର ପେନ୍ଦି ଲଗେଇ କରି, ଉପରି ଫାଲେ କଲ, ଇ କଲ ନଲି ବାଗିର ଥିସି ହେଲେ ବଡ ଗୁଲେଇନୁ ଛୋଟ ଗୁଲେଇ ହେଇଥିସି । ତାର ଉପରେ ଲୁହା ତମାଁ, ଚକରି, ମୁହୁ ଚଣ କେ ଛେକେନ ଦେବା କାଁଜେ ଲଗା ଜାଏସି, ତାର ଟିପି, ତାଲ ବର୍ଡା ପିକା (ପିପି) ଲଗା ହେସି । ହେ ମୁହୁରୀ ବଜାବାର କା-ଯେ ମୁହୁରୀଆକେ ନିସାସ ଫିରାବାର ସାଧନ କରବାର କେ ପଡସି । ଇଥି ଲୋକଧାରା କେତନି କେତେ ରାଗ ରାଗନି ବଜାସନ, ପବନର ଗତି ସଙ୍ଗେ ଇତାକେ ଏକ ବିଚାର କରି ପବନର ସଙ୍ଗେ ମେଲ କରସନ ।

ଇ ପାଚିଁ ବଜା ବା ପା ଓ ମା ଆ ବଏଲେ ବାୟୁ, ପାଏନ, ଉର୍ଜା, ମାଏଟ, ଆକାଶ ଇ ପଁଚ ଭୁତର ପ୍ରତିକ ଆଏ ବୋଲି କୋଶଲ ବାହି ଶିଘା ବଜା ନା ପାଇଛେ, ପୁଜା ପାଉଛେ ।

**ଢ଼ାପ :-**

ଢୁଲର ତାଲି ଫାଲ ବାଗିର, ଚକ୍ରିଥିବା ତାହିଁ ଛାଲ କେ ଛାଇ ଖୁଟି ମାନେ ପିଟା ଯାଏସି ଆର ଡେବାର ହାତେ ବଉଁସ ପତିଆନୁ ଢ଼ାପର ତରେ ତରେ ବଜା ଜାଏସି ଆର ଢ଼ାପର ମଝିର ଗୁଟେ ମୁଟା ଖାଡିନ ବଜା ଜାଏସି ବଏଲା କେ ଗୁଟେ ତରେ ସୁଖୁମ ଆର ଗୁଟେ,

ମଝି କଡାସବଦ ହେଉଥିବା ବେଳେ ସ୍ଥୁଲ ଆର ଗମ୍ଭିର ସବଦ ହେସି । ମାଏଟ ଆର ଜୁଏ ସାଙ୍ଗେ ଜୁଏଲ ହେସି, ଇ ଢ଼ାପ କେ ଆଦି ଯୁଗୁଁ ବଜେ ଆସୁଛନ ।

**ଖଜନି :**

ମାଲୋ ଖୁରି ବାଗିର ମୁହୁଁ ଗୁଟେ କାଠେ କୁନ୍ଦା ହେଇଥିସି । ଜେନ ଫାଲେ ବଜାସନ ହେ ଫାଲେ ବଡ ହେଇଥିସି, ହେଇ ଫାଲେ ଗୁଏ ଛାଲ କେ ଛାଇ କରି ବଜାସନ । ଜେନ ଫାଲ ସାନ ହେଫାଲେ ଦେବା ହାତେ ଚାପ କେ କମ ବେସି କରି ନୁଆଁ ନୁଆଁ ବାଜନା ଉଭରାସନ ଖଜିନି ଉପର ଫାଲେ ଗିନି ଯୁଡେ ଲାଗିଥିସି ବୋଲି ଝନକି କରି ଗିନିଥି ତାଲ ବାଜଲା ବାଗିର ଲାଗସି । ଇ ବଜା ସାଧୁ,ସନ୍ଥ, କିରତନ, ଆଦିବାସି ଜାତରା, ହକା, ଡକା, ବାଗିର ଜାଗାନ ବଜାସନ, କେତେବେଳେ କେନ୍ତା ଖଜନି ବାଜନାଥି ନାଚ ହେବାରଟାବି ଦେଖବାର କେ ମିଲସି ।

**ଘୁମୁରା :**

ସୁରେଇ ବାଗିର ମାଟିର ଖୋଲ ଉପରେ ଛାଲ ଛାଇଁ କରି ନିସାନ, ମାନ୍ଦଲର ତାଲେ ତାଲେ ଗୁହୁଡ଼ା ହେଇକରି ନାନା କିସମର ନାଚକରି ତହଁକ ରସ ବାହାର କରସନ । ଇବଜା ସଙ୍ଗେ ଇ ଚଳନକେ ବିର ବଜା ବଲସନ ।

**ଡିଙ୍ଗିରା :**

ଗୁଟେ ମାଟିର ପାତଲି ଥି ବଉସ ପତିଆ ଥି ମରଲା ଗୁରାଇ ଛାଲେ ଛାଇଁ ଗାଁ ମାଁକେ କେନସି କଥା ଜନାବାର କାଁଜେ ଡିଙ୍ଗରା ପିଟି କରି ବେବହାର କରସନ ଡିଙ୍ଗ ଡିଙ୍ଗ ଇତାର ସବଦ ବାହାରିବାର କାଁଜେ ଇତାର ନାଁ ଡିଙ୍ଗିରା । ଆଜି କାଏଲ ଇଟା ଲୁକି ଗଲାନ ।

**ଦଁଡ :**

ଇ ଢ଼ୋଲ ଆଜି ପତେ ମାଏଟ ଥି ବନା ହେଉଛେ ତାଏଲ । ମଝିର ପେଟ ଦୁଇ ମୁହୁଁଠାନୁ ବଡ ହେସି ଆର ଡ଼େଡ ହାତ ନ ଲମ୍ ଥିସି । ଡେବା ହାତେ ଖଡା ଆର ଭୁଜେନ ହାତେ ପାପଲି, ଆଁଗଠି ନ ବଜାସନ । ଇ ଢ଼ୋଲ ଖାଲି ଚଏତ ମାସେ ଚାରି ଦିଗର ପୁଇନ, ଯେନ୍ତା ଧରମ, ଅରତ, କାମ, ମୁକ୍ତି କଥା ସାଧନା କାଜେ କୋଶଲ ବାହି ନ ଗୁଟେ ଡଁଡ ଯାତ୍ରା କରସନ । ଇ ଚଇତ ଡଁଡ ଯାତ୍ରାନ ଶିବ ଉପାସନା ଗୁଟେ ଭିଡାନ ସାଧନା ଆଏ । ହେଇ ଯାତ୍ରାର ସଁଝେ ପରଭା ନାଚ ହେସି, ହେଟା ଶିବ ମାହାପୁରୁ କୁଟୁମର ସନ୍ଧ୍ୟା ତାଣ୍ଡବ, ରୁଦ୍ର ତାଣ୍ଡବ, ନାଦାନ୍ତ ତାଣ୍ଡବ ସଂଗେ ଆନନ୍ଦ ତାଣ୍ଡବ ଆଏ । ଏକଲା ଡଁଡ ଢୁଲେ ସୁଳ ଖାଡି ପାର ଖାଡିକ ଋରଟା ଝୁପା ଏନ୍ତା ହେଇକରି ଚଉଷଠି ପରକାର ଖାଡି ବାଜନା ବଜାସନ ତାର ତାଲେ ତାଲେ ଶିବ ତାଣ୍ଡବ ନାଚସନ । ଇଟା ହେଉଛେ କୋଶଲ ବାହିର କୌଶଲ ନିଜସ୍ୱ ମାର୍ଗିଧାରା ଆଏ । ଏଭେ ଇନାଚ ଆର ଢୁଲର ବଜା ଜତ ହଡିଆ ହେଲେ ଗଲା ମୁଲ ସିରଡି ଏଫତକ ବଂଚି ଛେ ଆର ଏନତା ବଜା ଆର ନାଚ ଭାରତର ଆର କେନସି ଠାନେ ଦେଖବାର କେ ନି ମିଲବାର ତାଏଲ ।

**ଢୁଲକି/ଢୁଲକ :**

କାଠର ଛୁଟିଆ ଢ଼ୋଲ ବାଗିର ହେଲେଁ ଇଟା ହାତେ ବଜା ହେସି । ଇ ଢୁଲକ/ଢୁଲକି ନ ବାଦି ଭରା ନାଇଁ ହୁଏ ଅବଗେଇ ସୁତା ଡୋର ଥି ବଧାଁ ହେସି । ଆର ଦୁଇଟା ଘାଟି କେ ଗୁଟେ ସୁରୁ ଲୁହା, ତମାର, ପିତଳର ମର୍ଲା ଲାଗିଥିସି । ଇବଜା ଆମର ଫାଲର ନାଇଁ ହେଲେ ଗଲା ଆମର ଜନ ଜୀବନର ସଙ୍ଗେ ଲିଲା ନାଚେଁ ସାମିଲ ହେଇ ଇ କୁଶଲ ବାହି ଶୋର କେ ବନେ ଘୋଟ ଧରାସି ।

ଆର କେତନି କେତେ ବଜା ଗଜା ଅଛେ ବିନ ଖଏରନ ଦିଆଟା । ଜାଗା ସାଁକୁର କାଁଜେ ନେଇ ଉଖୁରଉଁ ।

ଏଛେନ ଖଏରନ ଲଗା ବଜା ମାନକୁ ନିଘେ କରୁ ନ ।



**ଖଏରେନ୍ : (କିରଣ ଦିଆ) ବଜା:**

ଫିରା ଶବଦ (ପ୍ରତି ଧ୍ୱନୀ, ହଲୁଥିବାର (ତରଙ୍ଗ) ଶବଦ ମାନ କୁଁ ପୁରଭର ପୁରୁଷ ମାନେ ଉହାଟ କରି ଛନ । ତାର ସୁଫଳ ଆମେ ପଉଛୁଁ । ଦିନ ଖଏରନ ବଜାର ଶବଦ ଉହାଟ ବଏଲେ ଯେନ୍ତା ଏତେ ପରକାର ବଜା କେ ସୁରୁଷ୍ଟି କରି ପାରିଥିଲେ ହେନତା ଅଠୁଁ ଅଙ୍ଗର ନାଦ ତରଙ୍ଗ ଉପାଙ୍ଗ ମାନଙ୍କୁ ବନେ ରସାବାର ଲାଗି ଥରକେ ଥର ମନଥନ କରି ଖଏରନ ଦେବାର ମୂଳ କଲେ ଆର ଗୁଟେ ଉତୁରୁ ଗୁଟେ ଖଏରନ ଦିଆ ବଜା ଗଲା ଇ କୋଶଲ ବାହୀର କନ କରପନ ଚାପି ଗଲା ।

ଗୁଟେ ଗୁଟେ କରି ଏତେକେ ଚିନହୁଁ ।

**ମାନ୍ଦଲ :**

ମାଏଟ ଥି ଗଢ଼ା ହେସି ଧାମସ ୧୬ ଆଁଗୁଳ, ତାଲି ୧୨

ଆଂଗୁଲ ରହୁଛେ । ତାଲିଫାଲେ ଗହରିଆ ଖଏରନ ମାଡେ ପାଁଚ ଥର, ସାତ ଥର, ପତେ ଉପରୁ ତଲକେ ଲହର ମାରୁଥିବା । ଇ ମାଟି ଖୁଲର ଦୁଇ ଫାଲେ ଛେଲ ମେଲଛା ଛାଲେ ଛାଆଁନି କରି ତାର ଉପରେ ଖଏରନ ଦିଆ ଯାଇସି । ସବୁଥିରୁ ଭିଡାନ ଆର ଗ୍ୟାନର କବାର ହେଲା, ଏଡେ ବଡ ମୁହୁଁ ମାନଙ୍କୁ ଖଏରନ ପୁହୁଁଚ୍‌ବାର ଟା । ଆର ଭିଡାନ ଖଏରନ ଦେଲା ଉତୁରୁ ପାଲିସ ପଥରେ ଘୁଟୁବାର ଟା । ଇ ମାନ୍ଧଲ କୋଶଲ ବାହି ଏକଲା ନୁହେଁ  ଛତିଶଗଡ, ବିହାର ଫାଲେ ଆଦିବାସୀ ମାନେ ବେଭାର କରସନ । ଏନ୍ତା ବତରେ ତରଙ୍ଗ ଖେଳସି ଯେ ମୁନଷର ଗୋଡହାତ ତ ଆପେ ଫିକି ହୋଇ ଝୁମି ଯାଏସି ଆର ଇ ମାନ୍ଦଳର ଶବତ ଧାନ ଖେତକେ ଗଲା ଦୁଲକେଇ ଦେସି ସେଥିର ମାଡେ ଧାନ ଫୁଲେ ରୋଟ ମୋଟ ଧାନ ପୁର୍‌ରାବା ।

ମାନ୍ଦଲ ଆଦିବାସୀ ସଂପ୍ରଦାର ସଁଗେ ଆଜି ତରଙ୍ଗ ବଜାର ମାଏନତା ପାଇଛେ । ବିଜ୍ଞାନ ଯେନତା ବହକାଲେ ଗଲା ଲୋକ ଚଲତି ନୁ ନେଇ ଖସିରବାର । ମାନ୍ଦଲର ପାର, ଆର ଧ୍ୱନୀ ବିଜ୍ଞାନ ଲେଖି ବସଲେ ବହିଟେ ହେବା ଇଥି ଏତକି ନ ଥାଉ ।

**ମରଦଲ :**

ଭୁଂଜା ଫାଳ ୫ ଆଙ୍ଗୁଲ ଆର ଧାମସ ଦଶ ଆଂଗୁଲା ଦୁହି ଫାଲେ ହେଇ ଛାଲ କେ ଛାଆନି କରି ତାଲି ଫାଲେ ହେଇ ଛାଲ କେ ଛାଆନି କରି ତାଲି ଫାଲେ ଉସାର ଖଏରନ ଆର ଧାମସର ମଝୀ ମଝୀ ଅରସା ପିଠା ବାଗିର ଗୁଲେଇ କରି ବହଲ ଖଏରନ ଦିଆ ହେବାର ଗୁନୁ ଆଜିର ଯୁଗେ ଡୁବି ବାଗିର ଡେବା ଫାଲ ଆର ତବଲା ଭାଗିର ଭୁଂଜା ଫାଲ ସୋର ରହେସି । ଇ ମର୍ଦ୍ଦଲ, ମଧ୍ୟ ଯୁଗର କି ପୁରାନ ଯୁଗର ଜନମ ନେଇଛେ ଆର ଆଏଜ ପତେ ଲୀଲା ସୁଆଙ୍ଗ ମାନଙ୍କୁ ବାଜୁଛେ ।

**ସଁପରଦା ଖୋଲ :**

ଇ ବଜା ପଶ୍ଚିମ ଓଡିଶାର ମହତ ଆଏ । ଇତାର ଡେବା ଫାଲ ମାନ୍ଦଲ ଆର ଭୁଂଜା ଫାଲ ମର୍ଦ୍ଦଲ ନୁ ଉଚା ଆର ମାନ୍ଦଲ ନୁ କମ ଖଏରନ ଲାଗବାର ଗୁନୁ ତଳି ଶବଦ ଆର ଉପର ଶବଦ ମେଲ ଖାଏଲା କେ ଘୁମୁରି ଉଠସି । ସଁପରଦା ମୁରଦୁଲ ଗୁରୁ ପରଂପରା କେ ଅପନା ଯାଏସି । ତେବେ ଯେଇ ଶିଖି ହେସି,  ବଜେଇ ହେସି । କଳାକାର ବଜାର ତାଲି ଫାଲର ଶବଦ ସଂଗେଁ ତାର ଟଁଟିର ସୁର କେ ମିସାସି ଆର ତାର ସୁରେ ଗାଇ ଉଠସି ନାଚି ଉଠସି । ହେତକି ନୁହେଁ ସମାଜର ଲାଗି ଯେତକି ଦିଗକେ ଜଗି ରଖି ଚଲବାର ନିଏମ ମାନେ ଅଛେ । ହେ ସବୁ କେ ପୁରାନ ଠାନୁ ପୁରନା ପତେ ଲୋକ ସାହିତ୍ୟ ଅର୍ଥନିତି ଯାଏ ଗାଏସି ବୁଝାସି ନାଚସି । ଇ ତିନିଧାରାର ସାହାର ଏକ ହେଇ ମୁରୁଦୁଙ୍ଗ, ଯାର ନା ହେଲା ସଁପରଦା ।



**ରଙ୍ଗୀ ମୁରଦୁଁଲ :**

ଇ ବଜା   ଯହ ଦିନରଟା ନୁହେସେ ୪୦/୫୦ ବଛର କଥା ହେଲେ ଇ ମୁରୁଦଙ୍ଗ ଗାଁ ଗାଁକେ ଖେପି ଯାଇଛେ । ଏଛେନ ଲୋକ କଳା ବଏଲେ ରଂଗୀ କିରତନ । ଦିନ ଦିନ ରାଏତ ରାଏତ ଅହରହ ଇ ମୁରୁଦୁଙ୍ଗ ବଜାଲେ ଗଲା ଲୋକ ନେଇ ବିତବିତାନ । ଉସତ ହେଇ ଟଁକା ମେଡେଲ ପଗଡି ଉଳାସନ । ଗଠନ, ହେଇ ମାନ୍ଧଲ, ମରଦଲ ଠାନୁ ମଝଲି ଆଏ ତାଲି ଫାଲ କଡକଡ ଶବର କରୁଥିବାର ବେଲେ ଧମସ ଗୁଡୁମ୍ ଶବଦ ବାହାରସି । କିସମ କିସମ ନାଚ ଗାନ ବାଜାନା ଇ ରଂଗୀ ମୁରଦଙ୍ଗ ଆସରା ନ ହେଇ ପାରୁଛେ ବଲି ଇତାର ନା ରଙ୍ଗି ଆଏ ।

**ଉଦଣ୍ଡ ଖୋଲ  :**

ସଁପରଦା ଆର ନବଦ୍ୱୀପ ଖୋଲର ଶବଦ ନୁ ଉନିଁହା ଆୟେ । ତାଲି ୪ ଆଙ୍ଗୁଲ ଧାମସ ଆଠ ଆଙ୍ଗୁଲ । ଖାଲି ଯେ କୋଶଲ ବାହିର ଇ ମୁରଦୁଙ୍ଗ ବାଜୁଛେ ନୁହେସେ, ସବୁଠାନେ ରେଡ୍ରୋ, ସିନାମା, ଦୂରଦର୍ଶନ, ବାଗିର ସବୁଠାନେ ଇ ମୁରଦୁଙ୍ଗର ମାଏନତା ରହିଛେ । ଇଟା ଭକ୍ତିର ରସ ଭାବେ ମାହାପୁରୁ କିର୍‌ତି ଗାନ କରସନ ବୋଲି କିରତନ ବଲସନ ।

ଟିଙ୍ଗାଲି ମାନ୍ଦଲ ଉପର କଥା ନେଇ ଲେଖଲେ ବନେ ଆଏ । କାଏଁଯେ, ଇତାର ନାଁ ଥୁ ଆମେ ବୁଝମା ନ ।

ଏତେ କଥା କହେବାର ମୂଳ କଥା ହେଲା, ମୁନୁଷ ମାତରକେ ଜୀଇଁବାର କାଁଯେ ଭିଡାନ ନୁ ଭିଡାନ କବାର କରି ଉରଘା ହେଇ ଯାଏସି, ହେଇ ପରିଶରମ ମେଟାବେ ନିଜର ମନ ଭିତରୁ ଗୁନ ଗୁନେଇ ଗାଇ ପକାଶି । ଆର ଗୋଡ, ହାତ, ଅଟାଁ, ବେଁକ, ମଳକେଇ ନାଚିଁ ଉଠସି । ଏତେ ବଡ ମହତର କବାରକେ ଆମର ଇ ପଶ୍ଚିମ ଉଡିଶାର ବଜା ଗଜା ଟେକ ଧରି ଥିସନ । ସଁସାରର ମୂଳ ତ ଶବଦ ଆଏ ନ ।  ହେଇ ଶବଦ ଏକା ଜୀବନ, ଜିଇଁଛି, ଖାଏତି ଫନ୍ଧା, ଉସତ ଆନନ୍ଦ, ନଚା ଡେଗା ଖେଳ କସରତ, ଖିଜା ବିର୍ଝା ବାଗିର ନଇ ରସକେ ପରସି ଦେସି । ଯେନସି ବି ତିହାର ବାହାର, ଜନମ ମରଣ, ବାଗିର ଜେନ ୧୬ ଟା ଧାରା କି ସଂସ୍କାର ବଲୁଁ । ଇ ବଜା ମାନେ ନି ବାଜଲେ ସବୁ କବାର ନିରସ ହେଇ ଯାଏସି ।

ଆମକୁ ବେଡା ବଲୁନ କି ଅଁନ୍ଧ ବିଶାସ  ବଲୁନ କଏମୁର ଯୁଗୁଁ ଆଜ ପତେ ହେଉ ବଜା ମାନଙ୍କର ସଙ୍ଗେ ବନ୍ଧୁ ବାନ୍ଧିଛୁଁ । ହେଟା ହିଁ ଆମର ପରିଚୟ ଆଏ । ଆମର ମାନ ସମ୍ମାନ ଆତମା ଆଏ । ଇଥିର ମାଡେ ଆମର ମେଲି ଗୋଠ ସଙ୍ଗତି ବଚିଁ ରହିଛେ । ଆଜିର ଦିନେ ନିଘେ କଲେ ଠିକ ଠିକ ବୁଝି ହେବାଜେ ବଜଉ ଗଉଁ ନାଚୁଁ ସଙ୍ଗେ ଦେଖେନ ହାରିର ଅଁଟା ଗଲା ହଲେଇ ଦେବା, ବଡ ସାନ ସବେ ଏକାକାର ହେଇଯିବେ । ବସୁଦୈବ କୁଟୁମ୍ବକମ୍ ।

ବାକି ବଜାମାନକର ଚିହ୍ନା ଫେର କେତେବେଳେ । ଯାଗାଠାନକେ ଦେଖି ଏତକି ଥି ରହୁଛେ ]

**ତା'ଲ ଭବନ, ରାଧାରାଣୀପଡା**
**ବଲାଙ୍ଗିର**



# ଲାଁଡି ମୁଡେ ଦେବତା

ଗୋରେଖନାଥ ସାହୁ

**ଗୋରେଖନାଥ ସାହୁ ଆମର ମାଟିର ସଂସ୍କୃତିକେ ଉବାଗର କରବାର ସାଂଗେ ପ୍ରଚ୍ଚର ପ୍ରସାର ଦିଗେ ସବୁବେଳେ ଘିଚି ହଉଛନ । ସାମ୍ବାଦିକତା ସାଂଗେ ଝନେ ସିଆନ ଲେଖକ ହିସାବେ ତାଂକର ନାଁ ଅଛେ । ସୋନପୁର ଅଂଚଲର ଯାତ୍ରା ପରବ ଉପରେ ଜହକରି ଗବେଷଣା କରିଛନ ।**

କଥାରେ ଅଛେ ‘ବଜା ବାଜଲେ ଲାଁଡି ମୁଡେ ଭିଲ ଦେବାତା ଆଏବା’ ସେଟା ଫେଁର ଯେନ୍ତା ସେନ୍ତା ବଜା ନାଇସେ । ବଜାଭିତେରେ ଢୋଲ ହେଉଛେ ରଜା । ଢୋଲ ବଜାତ କେତେ ପରକାର । ଢୋଲ ବଜାନେ ଷୁଲହ ଭରନୀ ବଜା ବାଜଲେ ଯାଇ ଲାଁଡି ମୁଡେ ଭିଲ ଦେବତା ଆଏବା । ଇ ଷୁଲହ ବରନୀ ବଜା ଶାକ୍ତ ପ୍ରମୋଦ ବାଦ୍ୟ ତତ୍ୱନୁ ଆସିଛେ । ଶାକ୍ତ ପ୍ରମୋଦ ବଦ୍ୟତତ୍ୱ ତାଲପତର ପୁଥିଥି ଲେଖିଥିଲେ ଜନେ ଆଦିବାସୀ ସନ୍ଥୁ ଯାହାକର ନାଁ ହେଉଛେ ସୋନାର ସଙ୍ଗ୍ । ସୋନାର ସଙ୍ଗ୍ ହେଉଛନ ବିନକା (ନୀତପୁର) ନିକଟବର୍‌ତି ରହେଲା (ରୋହିଲକ) ଗାଁର ଅଧିବାସୀ । ଷୁଲହଭରନୀ ବଜାହେଲା ଆମର କୋଶଲୀଭାଷାରେ ଭରନି, ରାସନୀ, ମଞ୍ଜୀମରା, ଭେଲକି, ଆବାହନ, ବେଜିଭରା, ଅଙ୍ଗଖେଲା, ଉଦ୍ଦଣ୍ଡ, ଶିଖାବନ୍ଧା, ଅଭିଷେକ, ରସାବେଶ, ବେଦତାଚଢା, ଉଭା, ଚକରମରା ବା ଚକର କେଲି, ଉରଘେନ୍ ଆର ଛଡେନ । ଇତାର ସଂସ୍କୃତ ପରିଭାଷା ହେଉଛେ, ଭରଣି, ରଞ୍ଜୀନୀ, ମଞ୍ଜୀନୀ, ସମ୍ମୋହନୀ, ଶଖ୍‌ତି ଆକର୍ଷଣୀ, ଅନୁପ୍ରବେଶିକ, ଉଦ୍ଧାତଧାରିଣୀ, ପ୍ରଚଣ୍ଡା, ଶୀର୍ଷାବସ୍ଥିତି, ବିଳାସା, ଅନୁରଞ୍ଜୀନୀ, ଶକ୍ତ୍ୟାବେଶ, ଆବିର୍ଭାବ, ଚକ୍ରମଞ୍ଜୀରୀ, ବିମଳା ଓ ଶାନ୍ତିକରା । ଇନେ ଆମେ ଦେଖୁଁ ଶବ୍ଦବ୍ରହ୍ମର ମହିମା । ଶବ୍ଦବ୍ରହ୍ମ ସବୁପ୍ରାଣୀର ମନ୍ ମସ୍ତିଷ୍କକେ ପ୍ରଭାବିତ କରସି । ସବୁଠାନୁ ଜହ ପ୍ରଭାବିତ୍ କରସି ମୁନୁଷର ମନ୍‌କେ । ଷୁଲହ ଭରନୀ ବଜା ହେଉଛେ  ଷୁଲହ ପ୍ରକାର ଢୋଲବଜା । ଇ ଷୁଲହ ପ୍ରକାର ବଜା ଜନେ ବରୁଆର ତନ୍‌ମନ୍ କେ ଷୁଲହ ପରକାରେ ପ୍ରଭାବିତ କରସି । ପୃଥୀବୀର ସବୁଠାନ ଜହ ଗ୍ରାମୀଣ ଯାନିଯାତ୍ରା ହେସି କୋସାଲାଂଚଲନେ । ସେ ସବୁ ଯାନିଯାତ୍ରାନେ ବରୁଆ ତତ୍ୱ ଥିସି । ଯେନେ ବରୁଆ ତତ୍ୱ ଥିସି ସେନେ ଷୁଲହ ଭରନି ବଜା ବାଜସି । ବରୁଆକେ ଶବ୍ଦ ବ୍ରହ୍ମ ମାଧ୍ୟମରେ ଧ୍ୟାନରୁ ନିମ୍ନ ସମାଧି ଅବସ୍ଥାକେ ନିଆ ହେସି ।

ପତଂଜଳୀ ଯୋଗ ସୂତ୍ରମତେ ଜନେ ମୁନୁଷ୍‌ର ମନ୍ ୧୨ (ବାର) ସେକେଣ୍ଡ ଏକାଗ୍ର ହେଲେ ତାହାକେ ଏକାଗ୍ରତା କୁହାଯାଏସି । ତାର ସେ ଏକାଗ୍ର ଅବସ୍ଥା ଫେଁର ବାର ଗୁଣ ଲମ୍ବିଗଲେ ଅର୍ଥାତ ୧୨ ଘଁ ୧୨ = ୧୪୪ ସେକେଣ୍ଡ୍ ବା ୨ ମିନିଟ ୨୪ ସେକେଣ୍ଡ ହେଲେ ତାହାକେ ଧ୍ୟାନ୍ କୁହାଯାଏସି । ମନରେ ସେ ଧ୍ୟାନସ୍ଥ ଅବସ୍ଥା ଯଦି ଫେଁର ବାରଗୁଣ ଲମ୍ବିଯିବା ଅର୍ଥାତା ୧୪୪ ସେକେଣ୍ଡ ଘଁ ୧୨ =୨୮ (ଅଠେଇଶ) ମିନିଟ୍ ୪୮ (ଅଠଚାଳିଶ) ସେକେଣ୍ଡ ହେଲେ ତାହାକେ କୁହାଯିବା ସମାଧି ଅବସ୍ଥା । ମନରେ ସେ ନିମ୍ନ ସମାଧି ଅବସ୍ଥା ଯଦି ଫେଁର ବାରଗୁଣ ଲମ୍ବି ଯିବା ଅର୍ଥାତ ୨୮ ମିନିଟ ୪୮ ସେକେଣ୍ଡ ଘଁ ୧୨ ଅର୍ଥାତ ୫ (ପାଂଚ) ଘଣ୍ଡ ୪୫ ମିନିଟ୍ ୩୬ ସେକେଣ୍ଡ ହେଲେ ସେଟା ହେବା ନିର୍ବିକଳ୍ପ ସମାଧି । କୋସଲାଂଚଳର ବରୁଆତତ୍ୱନେ ନିମ୍ନ ସମାଧିର ପ୍ରୟୋଗ (Practical) କରାଯାଉଛେ । କୌଣସି ବ୍ୟକ୍ତି ଏକାଗ୍ରତା, ଧ୍ୟାନ ଉତରୁ ନିମ୍ନ ସମାଧି ସ୍ଥିତିକେ ପ୍ରାପ୍ତ ହେଲେ ତାର ଦେହେ ଆର ମନେ ସାତ୍‌ଟା ଲକ୍ଷଣ ପ୍ରକାଶ ପାଏସି । ସେଟା ହେଲା ସ୍ପନ୍ଦନ, ଘୂର୍ଣ୍ଣ, ଉଦ୍‌ଭବ, ଆନନ୍ଦ, ନିଦ୍ରା, ମୂର୍ଚ୍ଛା ଆର୍ ଜାଗୃତି । ପହେଲା ଛ’ଟା ଲକ୍ଷଣ ବରୁଆର ଶରୀରନେ ଆମେ ଦେଖି ପାରମା । ଆରେ ଶେଷଟା ହେଉଛେ ଜାଗୃତି ଯେନ୍‌ଟା ଆମେ ଦେଖି ନି ପାରୁ ହେଲେ ବରୁଆର୍ ହାବ୍ ଭାବ୍ ତାର କଥାବାର୍ତାରୁ ଜାନି ପାରମା । ଏତକି ବେଲ୍‌କେ ବରୁଆର ଦେହେ ଦୈବିଶକ୍ତି ପ୍ରବେଶ କଲା କି ବରୁଆ କେ ଦେବତା ଲାଗଲା ବଲି ବୁଝାଯାଏସି । ଇ ନିମ୍ନ ସମାଧି ଅବସ୍ଥାନେ ବରୁଆର ଦେହେ ଆର ମନ୍ ସ୍ୱେଚ୍ଛାଚାଳିତ

ଅବସ୍ଥାନୁ ବିନେଚ୍ଛାଚାଲିତ ଅବସ୍ଥାକେ ପଲେଇ ଯାଏସି । ଏତ୍‌କିବଲେ ବରୁଆ କେ ଅଜାନା ଜିନିଷ ଜନା ପଡସି । ସେ ଭୁତ ଭଭିଷ୍ୟତ କଥା ଏତ୍‌କି ବେଲେ କହି ପାରସି । ବରୁର ଜାଗୃତି ହେଲେ, ସହସ୍ରାର ଚକ୍ରନେ ତାର ଚୂଲ ବାନ୍ଧି ଦିଆ ଯାଏସି । ନିମ୍ନ ସମାଧିର ପ୍ରଭାବ ୧୪ (ଚଉଦ) ପ୍ରହର ଅର୍ଥାତ ୪୨ (ବୟାଲିସ) ଘଂଟାତକ ରହେସି । ଏତ୍‌କି ବେଲେ ବରୁଆ ଗୁଟେ ଦେବକି ଦେବୀଭାବେ ସମାଜରେ ଯାଏସି ଭକ୍ତମାନ୍‌କୁ ଆର୍ଶୀବାଦ କରବାର ଲାଗି । ହାତେ ତାର ଥିସି ଶକ୍ତି ଆର ଶାନ୍ତିର କଲା ଧଲା ଛତର । ଇଟା ହେଉଛେ ଅଷ୍ଟାଙ୍ଗ ଯୋଗର ସଂଯମ ଧାରଣା, ଧ୍ୟାନ, ସମାଧି । ଇଟା ହେଉଛେ ଯୋଗ ବିଜ୍ଞାନର ଗୂଢ ତତ୍ୱ । ଇ ବୈଜ୍ଞାନିକ ତତ୍ୱକେ କୋସଲାଂଚଳର ଯାନିଯାତ୍ରାନେ ବରୁଆ ତତ୍ୱଥି ପ୍ରୟୋଗ କରାଯାଉଛେ ।

କେତେ ମହିମାମୟ ଆଏ କୋସଲବାସୀକର ଆଧାତ୍ମିକ ଚିନ୍ତାଧାରା । କେତେ ଗାରିମାମୟ ଆଏ ସେମାନଙ୍କର ଯାନିଯାତ୍ରା । କେତେ ଉଚ୍ଚା ଆଏ ସେମାନକର ସାଂସ୍କୃତିକ ପରଂପରା ଯାର ତୂଳନା ସାରା ବିଶ୍ୱରେ ନାଇନ । ଗୁଟେ ଅଂଚଳର ମାତୃଭାଷାକେ ନେଇକରି ସେ ଅଂଚଳର ମାତୃ ସଂସ୍କୃତି ଗଢି ଉଠସି । ଯେନ୍ ଅଂଚଳର ମାତୃଭାଷା ମରିଯାଏସି ସେ ଅଂଚଳର ମାତୃ ସଂସ୍କୃତି ଭିଲ୍ ସମାଧି ବନ୍‌ସି । କୋସଲବାସୀକର ମାତୃଭାଷା କୋସଲି କେ ପୃଥିବୀର ଶ୍ରେଷ୍ଠଭାଷା ବଲି କହେବାକେ ମୋର ଟିକେ ଭିଲ ସଂକୋଚ ନାଇନ । କାରଣ ପୃଥିବୀର ସବୁଠାନୁ ମଧୁରତମ୍ ଭାଷାଭାବେ ଫ୍ରେଂଚ ମାନ୍ୟତା ପାଇଥିଲାବେଲକେ ବଙ୍ଗାଲି ଭାଷା ଦ୍ୱିତୀୟ ମଧୁରତମ୍ ଭାଷାଭାବେ ମାନ୍ୟତା ପାଇଛେ । ହେଲେ ସେ ଦୁଇ ଭାଷାଭାଷୀ ଲୋକ ଆମର କୋସଲି ଭାଷାକେ ତାକର ଭାଷାନୁ ଜହ ମଧୁର ବଲି ସ୍ୱୀକାର କରୁଛନ । ତାର ଉଦାହରଣ ହେଉଛ ରଙ୍ଗବତୀ ଗୀତ, ଶଲାବୁଢା ଆର୍ ଆଦିମ ବିଚାର କି ଭୂଖା ସିନେମା, ଆର ହେନ୍ତା ଶହ ଶହ କୋସଲି ନାଟକ୍ ।

ଦେଖୁଁ ଇହାଦେ ଆମର କୋସଲି ସଂସ୍କୃତିର ଉତ୍କର୍ଷ । ଭଗବାନ୍‌କର ସୃଷ୍ଟିନେ ମୁନୁଷ୍ ଜନମ୍ ଶ୍ରେଷ୍ଠ ଆଏ । ମୁନୁଷ୍‌ର ଶ୍ରେଷ୍ଠ ଆଏ ତାର ଧରମ । ଧରମ ଭିତରେ ଶ୍ରେଷ୍ଠ ଆଏ ଆଧାତ୍ମିକତା । ଆଧାତ୍ମିକତା ଭିତରେ ଶ୍ରେଷ୍ଠ ଆଏ ଯୋଗ । ଯୋଗ ଭିତ୍ ରେ ଶ୍ରେଷ୍ଠ ଆଏ ଅଷ୍ଟାଙ୍ଗ ଯୋଗ । ଅଷ୍ଟାଙ୍ଗ ଯୋଗ ଭିତରେ ଶ୍ରେଷ୍ଠ ଆଏ ଧାରଣା, ଧ୍ୟାନ, ସମାଧି=ସଂଯମ । ଯେନ୍ ସଂଯମଟା କୋସଲ ବାସିକର ଗ୍ରାମୀଣ ଯାନିଯାତ୍ରାନେ ବରୁଆତତ୍ୱ ଭାବେ ଭରି ଦିଆଯାଇଛେ । ଇଥରୁ ବଲିକରି ଆର ବଡ ଆଧାତ୍ମିକ କି ସଂସ୍କୃତିକ୍ ପରମ୍ପରା କାଣା ହେଇପାରେ ? ମୋର ମାତୃଭାଷା, ମୋର ମାତୃସଂସ୍କୃତି ପୃଥିବୀର ସବୁଠାନୁ ଶ୍ରେଷ୍ଠ ବଲି କହେଲେ ପଣ୍ଡିତ ଗନ୍ୟ ବୁଦ୍ଧିଜୀବୀ ମାନକର ଦିହେ କାଁକରି ଚେଁକା ଲାଗି ଯାଉଛେ ? ଆମର ବୁଦ୍ଧିଜୀବୀମାନେ ଏତେ ହୀନ୍‌ମନିଆ ହେଇ ଯାଉଛନ କାଁକରି ? ବରୁଆ ତତ୍ୱ ଆର କୋସଲର ଗ୍ରାମୀଣ ଯାନିଯାତ୍ରାକେ ନେଇକରି ମୋର ଗବେଷଣା ଆର ଧାରଣାକେ ଆଧାର କରି ସବ୍ୟସାଚୀ ମହାପାତ୍ର 'ସମାଧି' ନାମେ ଗୁଟେ ପ୍ରାମାଣିକ ଚଲଚିତ୍ର କରିଛନ । କୋସଲ ବାସୀ ଲେଖକ ଆଉ ବୁଦ୍ଧିଜୀବୀମାନକୁ ମୋର ବିନମ୍ର ନିବେଦନ୍ ସେମାନେ ସେଟା ଦେଖୁନ ଆର୍ ଜାନୁନ କେଡେ ମହାନ୍ ଆମର ସାଂସ୍କୃତିକ ଆଉ ଆଧାତ୍ମିକ ପରମ୍ପରା ସେନେ ବଲି ପ୍ରଥାର ଆବଶ୍ୟକଥା ହିଁ ନାଇଁନ । ପୃଥିବୀର ଇ ଅଂଚଳ କୋସଲ ଥି ସବୁଠାନୁ ଜହ ଧରମ୍ ଆର ଆଧାତ୍ମିକତା ନାଁଥି ଜୀବ ହତ୍ୟ ହେଉଛେ । ଇ ଜୀବ ହତ୍ୟାର ଲାଗି ଭୂମିକଂପ ଆର ସୁନାମି ଲେଖେ ପ୍ରାକୃତିକ ବିପର୍ଯ୍ୟୟ ଜହକରି ହେଉଛ ବଲି ବୈଜ୍ଞାନିକମାନେ କହୁଛନ । ଆମର ଆଧାତ୍ମିକ ଯାନିଯାତ୍ରାନେ ପଶୁବଲି ଦେଇକରି ଅଜ୍ଞାନ ଲୁକେ ରକତ ନଦୀ ବୁହେଇ ଦେଉଛନ । ସେଥିର ଲାଗି ଇ ଅଂଚଳର ଲୁକେ ବେଶୀ ଦରିଦ୍ର ହେଇ ଯାଉଛନ୍ ବଲି ଜାତିସଂଘ ବିକାଶ ପରିଷଦ ମତ ଦେଇଛନ । କୋସଲାଂଚଳର ଯାନିଯାତ୍ରାଥି ପଶୁବଲି ବନ୍ଦ ହେଇଗଲେ



ଆମର ଆଧାତ୍ମିକ ଉତ୍କର୍ଷ ଫୁଟି ଉଠ୍‌ତା । ସାରା ପୃଥିବୀର ଲୁକେ ଇ ମହାନ୍ ଯାନିଯାତ୍ରାକେ ଦେଖି ଆଏତେ । କୋସଲଥି ଫେର ସୁନାର କୁକୁରା ଉଡ୍‌ତା ।


**ସହାୟକ ଗ୍ରନ୍ଥସୂଚୀ-**

୧. ହିରଣ୍ୟ ଗର୍ଭ- ସାହୁ ଗୋରେଖନାଥ ।
୨. ଶବ୍ଦବ୍ରହ୍ମର ମହିମା- ସାହୁ ଗୋରେଖନାଥ ।
୩. ପତଂଜଳି ଯୋଗସୂତ୍ର- ସ୍ୱାମୀ ପ୍ରଭାବାନନ୍ଦ ସରସ୍ୱତୀ
୪. ମନ, ତାର ରହସ୍ୟ ଓ ସଂଯମ- ସ୍ୱାମୀ ଶିବାନନ୍ଦ ସରସ୍ୱତୀ
୫. ଶାକ୍ତ ପ୍ରମୋଦ ବାଦ୍ୟତତ୍ୱ- ଡ. ଡି.ଜି. ବିଶି
୬. ପ୍ରଜ୍ଞାଲୋକ- ସାହୁ ଗୋରେଖନାଥ


**ସୋନପୁର, କୋସଲ**



# ଉଲଗୁଲାନ୍‌ର ଯଜ୍ଞନେ ଆହୂତି

ଘନଶ୍ୟାମ ବାଞ୍ଜି

ଅନେକ ଦିନର ସପନ୍‌ଟେ ସାକାର ହେଲା ସୁରଜ୍‌ର ଆଲୋକ ଥିଁ କଲା ମେଘର ଅନ୍ଧାର ଲୁକି ଗଲା । ୧୯୪୭ ଅଗଷ୍ଟ ୧୫ ଭାରତ ଇଂରେଜ କବଲ ନୁଁ ମୁକ୍ତି ପାଏଲା । ଇ ମୁକ୍ତି ଆପେଁ ଆପେଁ ନାଇଁ ଆସି ଇତାକେ ଛଡ଼ାବାର କେ ପଡିଥିଲା । କେତେ ଲୁକ୍‌କୁଁ ଜହଲ ଯିବାର କେ ପଡିଥିଲା କେତେ ଲୁକ୍‌କୁଁ ଫାସିଥି ଝୁଲ୍‌ବାର କେ ପଡିଥିଲା ତ କେଭେଁ ମାଟିର ମୁକ୍ତି ଲାଗିଁ ମାଏଟ ସଂଗ୍ରାମୀ ରକ୍ତେଁ ଲାଲ ହେଇଯାଇଥିଲା । ସେମାନେ ହିଁ ଆନ୍ ଇ ମାଟିର ଲାଏକ ସନ୍ତାନ । ସେ ଲଢୁଆ ବୀରମାନେ ହିଁ ଅମର ଆନ୍ ।

ଭାରତର ଇତିହାସନେଁ ୧୮୫୭ ସାଲର ସିପାହୀ ବିଦ୍ରୋହକେ ଭାରତର ପହେଲା ସ୍ୱାଧିନତା ସଂଗ୍ରାମ ବଲି ଗଣନା କରାଯାଉଛେ ହେଲେଁ ଇତାର ତିରିଶ ବଛର ଆଘଲି ଆମର ପଶ୍ଚିମ ଓଡ଼ିଶାର ବୀର କୋଶଲ ମାଟିନେ ଉଲଗୁଲାନର ଜୁଏହୁଲା ଜଳିଥିଲା । ଅଗ୍ନିପୁତ୍ର ସୁରେନ୍ଦ୍ର ସାଏ ପାହାଡ ଜଙ୍ଗଲ ପାଖର ଗାଁ ଗାଁ ନେ ଆଦିବାସୀ ପରଜାମାନଙ୍କୁ ଏକ କରି ଗରିଲା ଯୁଦ୍ଧ ପ୍ରଣାଳୀନେ ଧୁନ୍, ଶର, ବର୍ଚ୍ଛାଥିଁ ଯୁଦ୍ଧ କରି ଇଂରେଜ ଆଖିଁର ଝୁମ୍‌ରା ଛଡ଼େଇ ପାଲଟିଥିଲେ ଇ ମହାସଂଗ୍ରାମର ସାରଥି । ବାରପାହାଡର ଡ଼େବ୍ରିଗଡ଼, ସିଂଘଡ଼ା ଘାଟି, ଝାରଘାଟି, ପାହାଡ଼ଶ୍ରିଗୀଡ଼ା, ପପଙ୍ଗା ଘାଟି ପାଲଟିଥିଲା ଉଲଗୁଲାନର କୁରୁକ୍ଷେତ୍ର ।

୧୮୧୭ ସାଲେଁ ସମ୍ବଲପୁରର ରାଜା ମହାରାଜ ସାଏଙ୍କର ନିଧନ ହେଲା । ସେ ବନଝା (ଅପୁତ୍ରିକ) ଥିବାର ଲାଗିଁ ସମଲପୁରର ରାଜଶାସନ ଅଧିକାର ଥିଲା ସୁରେନ୍ଦ୍ର ସାଏଙ୍କର କାରଣ ସେ ଥିଲେ ସମଲପୁରର ଚତୁର୍ଥ ରାଜା ମଧୁକର ସାଏଙ୍କର ବଂଶଧର ଧରମ ସିଂଙ୍କର ସନ୍ତାନ (Sambalpur District Gazetter) ହେଲେଁ ସୁରେନ୍ଦ୍ର ଥିଲେ ଜଣେ ସ୍ୱାଧିନଚେତନାବାଦୀ ଲୋକ୍ କାହାର ଅଧିନରେ ରହେବାର ତାଁକର ଲକ୍ଷଣ ନାଇଁ ଥାଇ । ଜଣେ ଦକ୍ଷ ଲୋକ ହେଇଥିବାର ଲାଗି ସାଧାରଣ ପରଜାମାନଙ୍କର ସମର୍ଥନ ତାଁକର ପଛେ ଥିଲା । କିନ୍ତୁ ଇଂରେଜ ସରକାର ସୁରେନ୍ଦ୍ରକେ ସମଲପୁର ଗାଦି ସଁପିକରି ସମଲପୁରକେ ହାତଛଡ଼ା କରବାରକେ ନାଇଁ ଋହୁଥାଇଁ । ସେଥିର ଲାଗିଁ ସମଲପୁରର ଶାସନଭାର ରଖାଗଲା ମହାରାଜ ସାଏଙ୍କର ରାଆଡ଼ିଁ କନିଆଁ (ବିଧବା ପତ୍ନୀ) ମୋହନ କୁମାରୀ ହାତେଁ । ମୋହନ କୁମାରୀ କାଠ ପୁତ୍‌ଲି ପାଲଟି ଇଂରେଜ ଇଶାରାନେ ରାଜଶାସନ ଚଲାଲେ । ପରଜାମାନକର ସୁଖ ଦୁଃଖ ନାଇ ଦେଖିକରି ମାଲଗୁଜାରୀ (ଟିକସ୍) ବଢ଼େଇ ଦେଲେ । ପରଜାମାନଙ୍କର ମନ ଭିତ୍‌ରେଁ ଥିବା ଅସନ୍ତୋଷର ନିଆଁ ବିପ୍ଳବର ବହ୍ନିର ରୂପ ନେଲା । ଆର୍ ଇ ସବୁ ଶକ୍ତି ଦେଲା ସୁରେନ୍ଦ୍ର ସାଏକେ ଯିଏକି ଶାସନ ଗାଦିର ପ୍ରକୃତ ହକ୍‌ଦାର ଥିଲେ । ସୁରେନ୍ଦ୍ର ପକ୍ଷେଁ ଆଗ୍‌କେ ବାହାରିଲେ ଲଖନପୁର ଜମିଦାର ବଲଭଦ୍ର ସିଂଦେଓ ଆଉ ଭେଡେନ୍ ଜମିଦାର ଅବଧୂତ ସିଂ ।

୧୬ ଡିସେମ୍ବର ୧୮୩୦ ପପଙ୍ଗା ପାହାଡ଼େଁ ମୁହାଁ ମୁହିଁ ହେଲେ ଅବଧୂତ ସିଂ ଆଉ ରାଣୀ ମୋହନକୁମାରୀ ଅବଧୂତ ସିଂ ପରାଜିତ ହେଇ ଡ଼େବ୍ରିଗଡ଼ କେ ପଲାଲେ । ସେନୁ ବଲଭଦ୍ର ସିଂଦେଓର ସମର୍ଥନ ପାଇଁ ଭେଡ଼େନ୍ ଆସ୍‌ଲେ ଆଉ ୨୭/୧୨/୧୮୩୦ ରେ ଭେଡ଼େନ ଆକ୍ରମଣ କଲେ (L.S.S. Omalley Bangal Gazetter Sambalpur P.79) ଝାରସୁଗୁଡ଼ାର ଗୋବିନ୍ଦ ସିଂ ରାଣୀ ବିରୋଧରେ ବିଦ୍ରୋହ କଲେ । ପରିସ୍ଥିତି ଧିରେ ଧିରେ ବିଗିଡ଼ିବାରେ ଲାଗଲା । ରାଣୀ ମୋହନ କୁମାରୀକେ କଟକ ପଠାଗଲା ଆଉ ସମଲପୁରର ଶାସନ ଭାର ଦିଆଗଲା ବରପାଲିର ନାରାୟଣ ସିଂ ହାତେଁ ଯେନ୍‌ଟା କି ଇଂରେଜ ସରକାରଙ୍କର ଗୁଟେ ବଡ଼ ଭୁଲ ଥିଲା କାରଣ ସେ ଇ ସିଂହାସନ ଲାଗି ମୁଟେ ହକ୍‌ଦାର ନାଇଥାଇଁ, ସେ ନିଜେ ଭି ଇ ପ୍ରସ୍ତାବ କେ ମନା କରୁଥିଲେ । ପରଜା ଅସନ୍ତୋଷ ଆଉ ସୁରେନ୍ଦ୍ରଙ୍କର ଆନ୍ଦୋଳନ କେ ଇଟା ପ୍ରକୃତ ଇନ୍ଧନ ଦେଲା (Sambalpur District Gazetter)

ଇଂରେଜ ସରକାରର ଅନ୍ୟାୟ ଅତ୍ୟାଚାରକେ ସୁରେନ୍ଦ୍ର ନିଜର ସମର୍ଥକ ସାଙ୍ଗେ ବିରୋଧ କଲେ ଆଉ ନିଜର ସଂଗ୍ରାମ ଜାରି ରଖଲେ । ସଂଗ୍ରାମର କେନ୍ଦ୍ର ପାଲଟିଲା ବରଗଡ଼ ଜିଲ୍ଲାର ବାରପାହାଡ଼ର ଡ଼େବ୍ରିଗଡ଼ ଦୁର୍ଗ । ଇଟା ଥିଲା ଇଂରେଜମାନଙ୍କର ଲାଗିଁ ମରଣ ଠାନ । କାରଣ ଇତାର ଉଚ୍ଚା ୨୨୬୨ ଫୁଟ୍ ସେନୁ ଥିବା ବାରବଖରା ଗୁମ୍ଫାନେ ୫୦୦ ଲୋକ ରହିପାରବେ ଆର ସେନୁ ଗୁଟେ ଚିରସ୍ରୋତା ଝରଣା ଅଛେ । (ସମ୍ବଲପୁର ଇତିହାସ, ଲେ. ଶିବପ୍ରସାଦ ଦାଶ)

ଡ଼େବ୍ରିଗଡ଼େଁ ଚାଲଲା ମହାସଂଗ୍ରାମର ମହାଭାରତ । ୧୮୩୭ ମସିହାର (ରାହାସପୁନି) ଦିନେ ସୁରେନ୍ଦ୍ର ଆଉ ବଲଭଦ୍ର ସିଂଦେଓ ଯୁଦ୍ଧର ମନ୍ତ୍ରଣା କରୁଥିବା ବେଲେଁ ହଠାତ୍ ଇଂରେଜ ସୈନ୍ୟ ଆକ୍ରମଣ କଲେ ଆଉ ସେନୁ ଲଖନପୁରର ଜମିଦାର ବଲଭଦ୍ର ସିଂ ଦାଓ ପାଲଟିଲେ ବରଗଡ଼ ଜିଲ୍ଲାର ପହେଲା ଶହୀଦ୍ ସଂଗ୍ରାମୀ । ଇଥିଁ ଇଂରେଜମାନଙ୍କୁ ରାୟପୁର ଜମିଦାର ସମର୍ଥନ କରିଥିବାର ଲାଗିଁ ୧୮୩୭ ଡିସେମ୍ବରରେ ସୁରେନ୍ଦ୍ର ସାଏ ରାୟପୁର ଆକ୍ରମଣ କଲେଁ ଆଉ ରାୟପୁର ଜମିଦାର ଦୁର୍ଜଏ ସିଂ କେ ନିହତ କଲେ । ପ୍ରତି ଆକ୍ରମଣର ଆଶଙ୍କା କରି ସୁରେନ୍ଦ୍ର ସୈନ୍ୟମାନଙ୍କର ସାଙ୍ଗେ ପାଟନା ଯାଉଥିବା ବେଲେଁ ମେଜର ଓସ୍‌ଲେ ସମଲପୁରର ବୁଢ଼ାରଜା ପାହାଡ଼ ପାଖର ଦେହେରୀପାଲିନେ ଆକ୍ରମଣ କରି ହତ୍ୟା ଅଭିଯୋଗରେ ଆଜୀବନ ଜେଲ ଦଣ୍ଡ ଦେଇକରି ହଜାରୀବାଗ ଜେଲ ପଠେଇ ଦେଲେ ।

ବିଧିର ବିଧାନ ଥିଲା ଅଲଗା ଯାହାର ଜନମ୍ ମାଁ ମାଏଟ୍‌ର ମୁକ୍ତିର ଲାଗିଁ ତାହାକେ ଜେଲର୍ ଚାଏର୍‌ଟା କାଥିଁ ଅଟକେଇ ପରାବା କାଏଁ? ୧୮୫୭ ଜୁଲାଇ ୩୦ ତାରିଖ ସିପାହୀମାନେ ହଜାରୀବାଗ ଜେଲର ବାଟ ଭାଙ୍ଗି ଦେଲେ ସୁରେନ୍ଦ୍ର ଆଉ ସଂଗ୍ରାମୀସାଥି ମାନେ ସମଲପୁର ପଲେଇ ଆସ୍‌ଲେ । ଇଂରେଜ ସରକାର ସୁରେନ୍ଦ୍ରକେ ବିଦ୍ରୋହୀ ଘୋଷଣା କଲେ । ଇଂରେଜ ଚାଲ ବୁଝିକରି ଅକ୍ଟୋବର ୩୧ ତାରିଖ ସୁରେନ୍ଦ୍ର ନିଜର ଜନମ୍ ମାଏଟ୍ ଖିଣ୍ଡାକେ ଯାଉଥିଲା ବେଲେ ଝାରପାଟି ଠାନେ ବ୍ରିଟିଶ ସୈନ୍ୟ ତାଙ୍କର ଉପରେଁ ଆକ୍ରମଣ କଲେ । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଥିଁ ସଂଗ୍ରାମୀମାନେ ଛିନ୍‌ଛତର ହେଇଗଲେ ସେନୁ ସୁରେନ୍ଦ୍ର ଚିନ୍ତାକଲେ ଗରିଲା ଯୁଦ୍ଧ କରବାରଟା ଠିକ୍ ହେବା । ଇ ସମିଆକେ ବ୍ରିଟିଶ ଅତ୍ୟାଚାର ସିମାଟପି ବସିଥିଲାନ୍ ଘେଁସ ଜମିଦାର ମାଧୋ ସିଂ, ଭେଡ଼େନ୍ ଜମିଦାର ମନୋହର ସିଂ, ଲଖନ୍‌ପୁର ଜମିଦାର ବଲଭଦ୍ର ସିଂ ଦାଓକର ସନ୍ତାନ କମଲ ସିଂ, ନିଲାମ୍ବର ସିଂ, ଖଗେଶ୍ୱର ସିଂ, ଖରସଲ ଜମିଦାର ଦିଆଲ ସରଦାର, ପାହାଡ଼ ଶ୍ରୀଗିଡ଼ା ଜମିଦାର ଜନାର୍ଦ୍ଦନ ସିଂ, ଖରମୁଣ୍ଡା ଜମିଦାର ମାର୍କଣ୍ଡ ବରିହା ସୁରେନ୍ଦ୍ର ସାଙ୍ଗେ ହାତ୍ ମିଶାଲେ ସୁରେନ୍ଦ୍ର ପାଲଟିଲେ ପରଜାମାନଙ୍କର ମନର ରଜା ।

କୋସଲୀ ନାଟ୍ୟ ମହର୍ଷି ଭଗବାନ ସାହୁ ତାକର "ଚୌହାନ ବୀର ସୁରେନ୍ଦ୍ର ସାଏ" ନାଟକରେ ଇତାକେ ସମଲପୁରୀ ଲୋକଗୀତ ସଜନୀ ଗୀତ ପରଜାମାନଙ୍କର ଭାବନା କେ ଦେଖେଇ ଲେଖିଛନ ।

୧) ହଳଦୀ ହଇଲା ଗଜାରେ ସଜନୀ
ହଳଦୀ ହଇଲା ଗଜା
ସମଲପୁରେଁ ଯେ ନାଇନ ରଜା ନାଇନ ରଜାରେ
ଧନ ସାହେବ ମାରୁଛେ ମଜା ସଜନୀରେ... (୨)

୨) ରଜା ନାଇନ ବଏଲା କିଏରେ ସଜନୀ
ରଜା ନାଇନ ବଏଲା କିଏ
ଆମର ରଜା ଅଛନ ସୁରେନ୍ଦର ସାଏ ସୁରେନ୍ଦର ସାଏରେ
ଯାକେ ଫିରିଙ୍ଗି କରୁଛେ ଭଏ ସଜନୀରେ... (୩)

୩) ସେ ଯଦି ହଇଥିତେ ରଜାରେ ସଜନୀ
ସେ ଜଦି ହଇଥିତେ ରଜା
ଭୁଖେଁ ଦୁଖେଁ ନାଇଁ ମର୍‌ତେ ଇ ପରଜାରେ ପରଜାରେ
ଧନ ଉଡୁଥିତା ସମଲେଇର ଧଜା ସଜନୀରେ ।

ସୁରେନ୍ଦ୍ର ବାରପାହାଡ଼ର ଡ଼େବ୍ରିଗଡ଼କେ ତାକର ଦୁର୍ଗ ବନାଲେ । ସେନୁ ସେ ରାଏତ୍‌କର ଭିତରେଁ ସିଂଘଡ଼ାଘାଟି, ଝାରଘାଟି, ବଡ଼ପାଟି ଘାଟିକେ ଯାଇଆସି ପାରୁଥିଲେ । ଘେଁସ ଜମିଦାର ମାଧୋ ସିଂ ଚାରି ପୁଅ ସାଙ୍ଗେ ସିଂଘଡ଼ାଘାଟି ଯୁଗିକରି ସମଲପୁର-ନାଗପୁର ରାସ୍ତା ବନ୍ଦ କରିଦେଲେ । ଲଖନ୍‌ପୁର ଜମିଦାରଙ୍କର ସନ୍ତାନମାନେ ବରାପାହାଡ଼େଁ ପହରା ଦେଲେ । ଉଦନ୍ତ ସାଏ ଝାରଘାଟିର ସେନାପତି ହେଇ ସମଲପୁର-ରାଂଚି ରାସ୍ତା ବନ୍ଦ କରିଦେଲେ । ସୁରେନ୍ଦ୍ର ସବୁ ତଦାରଖ କରବାର ସାଂଗେ ବଡ଼ପାଟି ଘାଟି ଯୁଗିକରି ସମଲପୁରର ସବୁ ବାଟଘାଟ ବନ୍ଦ କରିଦେଲେ । ଇସବୁ ଇଂରେଜ ସରକାରର ମୁଡ଼ ଦୁଖାର କାରଣ ହେଲା କାରଣ ରାଂଚି ଆରୁ ନାଗପୁର ନୁ ହିଁ ଇଂରେଜ ସୈନ୍ୟମାନଙ୍କର ଲାଗି ଯୁଦ୍ଧସାମଗ୍ରୀ ଆସୁଥିଲା । ଇଂରେଜ ଶାସନ ସମଲପୁରେଁ ଦୁର୍ବଲ ହେବାରକେ ଲାଗ୍‌ଲା ।

୧୮୫୭ ଡିସେମ୍ବର ୩୦ ତାରିଖ ଦିନ ସୁରେନ୍ଦ୍ର ଆଉ ଭାଇ ଛବିଲ ଉପରେଁ ଆକ୍ରମଣ ହେଲା । କେପ୍‌ଟେନ୍ ଉଡ଼ବ୍ରିଜ୍ (Woodbridge) ଛବିଲ ସାଏକେ କୁଦୋପାଲି ଗାଁ ମଝିଥିଁ ଗୁଲିମାରି କରି ହତ୍ୟା କଲେ । ବଉଲି ଗୀତେଁ ଅଛେ

"ଉଲି ଉଲି ଉଲି ବଉଲି ରେ ଉଲି ଉଲି ଉଲି
ଛବିଲ ସାଏକେ ବାଜିଲା ଗୁଲି
କୁଦୋପାଲି ଗାଁର ମଝାଖୁଲି ।"

ଭାଇ ହତ୍ୟାର ଦୁଃଖଭି ସୁରେନ୍ଦ୍ରର ସଂଗ୍ରାମକେ ଅଟକେଇ ନାଇଁ ପାରଲା । ୧୮୫୮ ଫେବୃୟାରୀ ୧୨ ତାରିଖ ପାହାଡଶ୍ରୀଗିଡା ଠାନେ କ୍ୟାପ୍‌ଟେଡ଼ ଉଡବ୍ରିଜକେ ହତ୍ୟାକରି ତାଙ୍କର ବିନ୍ ମୁଡିଆ ଶରୀରକେ ଗଛେଁ ଉଲେଇ ଦିଆଗଲା । ଯୁଯୁମରା ଠାନେଁ ସଂଗ୍ରାମୀମାନେ ଇଂରେଜ ଉପରେଁ ଆକ୍ରମଣ କରି ମାଏଟକେ ଇଂରେଜ ରକ୍ତେଁ ଭିଯେଇ ଦେଲେ ।

ହଠାତ୍ ଇତାର ପରେଁ ପରେଁ ସଂଗ୍ରାମର ସୁରୁଜ ବୁଡ଼ବାରକେଁ ଲାଗଲା । ଘେଁସ ଜମିଦାର ମାଧୋ ସିଂକୁଁ ଗିରଫକରି ୩୧ ଡିସେମ୍ବର ୧୮୫୮ ସମଲପୁରର ଜେଲଛକ ଠାନେଁ ଫାସି

ଦିଆଗଲା । ହଟେ ସିଂଙ୍କୁ କଲାପାଣି ସଜା ହେଲା, ଆଉ ସେନୁ ସେ ହେଲେ ପହେଲା ଓଡିଶାର ଶହୀଦ (ସେତେବେଲେ ଆବଶ୍ୟ ଇ ଅଂଚଲ ଓଡିଶା ଥିଁ ନାଇଁ ଥାଇଁ) । ବଏରୀ ସିଂ ଜହଲର ଅନ୍ଧାର ଦୁନିଆଁରେ ବସନ୍ତ ରୁଗେ ଜୀବନ ହାରଲେ । ଐରୀ ସିଂ ସାଇଦୁଏଲ ଗୁମ୍ଫାନେ ଶୁଇଥିଲା ବେଲେ ଇଂରେଜ ସରକାର ଫଗନୀ ଭାଟେନ୍ ଠାନୁ ଖବର ପାଇ ଗୁମ୍ଫାର ପ୍ରବେଶ ବାଟେଁ ଶୁଖା କାଠ ପତର ଭରି ଜାଳିଦେଲେ ଗୁମ୍ଫା ଭିତ୍‌ରେ ଐରୀ ସିଂ ଅଣନିଶ୍ୱାସି ହେଇ ପ୍ରାଣ ହରାଲେ । ପ୍ରତିଶୋଧର ନିଆଁରେ କୁଞ୍ଜେଲ ସିଂ ଫଗନୀ ଭାଟେନ୍‌କେ ହତ୍ୟା କଲେ । ସେ ଯାଗକେ ଇହାଦେ ଭାଟେନ୍ ଡୁଙ୍ଗୁରି ବଲି କୁହାଯାଉଛେ । ପରେଁ କୁଞ୍ଜଲ ସିଂକେ ହତ୍ୟ ଅଭିଯୋଗେଁ ସମଲପୁରେଁ ଫାସୀ ଦିଅଗଲା । ଦେଶପ୍ରେମର ନିଆଁରେ ଗୁଟେ ପରିବାର ଛାରଖାର ହେଇଗଲା ।

ସଂଗ୍ରାମର ଜୀବନ୍ତ ସାକ୍ଷୀ ବାରପାହାଡ୍‌ର ପାହାତଲେଁ ଥିବା ଲଖନପୁରର ଜମିଦାର । ତାକର ପରିବାରର ସାହାସ, ସଂଗ୍ରାମ ଆଉ ବଳିଦାନ୍‌ର ଇତିହାସରେ ଅତି କମ୍ ଦେଖବାରକେ ମିଳସି । ଡ଼େବ୍ରିଗଡ୍ ଠାନେ ଇ ସଂଗ୍ରାମୀମାନେ ନିଜର ସଂଗ୍ରାମ ଚଲେଇ ଡ଼େବ୍ରିଗଡ୍‌କେ



ଇଂରେଜମାନଙ୍କର ମରଣ ଠାନ୍ ବନେଇ ଦେଇଥିଲେ । ଜମିଦାର ବଳଭଦ୍ର ସିଂ ଦାଓ ଇଂରେଜ ହାତୁଁ ନିହତ୍ ହେଇ ବରଗଡ଼ ଜିଲ୍ଲାର ପହେଲା ଶହୀଦ ସଂଗ୍ରାମୀ ପାଲଟିଥିଲେ । ତିନି ପୁଅ କମଲ ସିଂ, ନିଳାମ୍ବର ସିଂ, ଖଗେଶ୍ୱର ସିଂ ସୁରେନ୍ଦ୍ରଙ୍କର ସମର୍ଥନରେ ସଂଗ୍ରାମ ଜାରି ରଖିଥିଲେ । ଖଗେଶ୍ୱର ଓ ନିଳାମ୍ବର ସିଂ ୧୮୬୪ ରେ ବନ୍ଦୀ ହେଇ ରାୟପୁର ଜେଲେ କାରାବରଣ କଲେ । ହେଲେ ବୀର କମଲ ସିଂ ସଂଗ୍ରାମର ନିଆଁ ନେଇକରି ଆଘେ ମାଡି ବସଲେ । ସେ ଶପଥ ନେଇଥିଲେ ସୁରେନ୍ଦ୍ର ସିଂହାସନଥିଁ ନାଇଁ ବସବାର ତକ୍ ତୁମ୍ ନାଇଁ ପଡ଼ନ ।

୮/୫/୧୮୬୦ ଚିଠି ନଂ ୧୨୨୩ ରେ ଭାରତର ବୈଦେଶିକ ବିଭାଗର ସେକ୍ରେଟାରୀ ପାଖକେ ଚିଫ କମିଶନଙ୍କର ସେକ୍ରେଟାରୀ ଲେଖିଥିବା ଚିଠିନେ କହିଛନ ଇ ଅଂଚଲନେ ସଂଗ୍ରାମ ଜାରି ରଖିଥିବାର ମୁଖ୍ୟ କାରଣ କମଲ ସିଂ ଏବଂ କମଲ ସିଂର ସଂଗ୍ରାମ ସାମ୍ନାରେ ଇଂରେଜ ଶକ୍ତି ଦୁର୍ବଳ ବଲି ଲେଖାଥିବାର ଜଣା ପଡ଼ସି । ତାଙ୍କୁ ଧରବାର ଲାଗି ୭୦୦୦ ଟଙ୍କାର ପୁରସ୍କାର ଭି ଘୋଷଣା କରାଯାଇଥିଲା ।

ଲଖନ୍‌ପୁର ଅଂଚଲନେ ଶୁନାଯାଏସି ଭୋକ୍ ବିକଲେ ସେ ଗୁଟେ ପିପଲଗଛ ତଲେ ସୁଇଥିବା ବେଲେଁ ତାଙ୍କର ମୁଣ୍ଡକାଟି କରି ଇଂରେଜମାନେ ଲଖନପୁର ଗାଁ ବାଟର ଗୁଟେ ପିପଲଗଛରେ ଝୁଲେଇ ଦେଇଥିଲେ । ତାଙ୍କର ଯେନ୍‌ଠାନେ ମୁଡ଼ କଟା ଯାଇଥିଲା ସେ ଠାନେକେ ମୁଡ଼କାଟି ବଲି କୁହାଗଲା । ଯେନ୍‌ଟା ଇହାଦେ ଗୁଟେ ଗାଁ ଭାବେ ରହିଛେ । କମଲ ସିଂ ସୁରେନ୍ଦ୍ରଙ୍କର ଗୁଟେ ହାତ୍ ଭଳିଆ କାମ କରୁଥିଲେ ଆଉ ତାଙ୍କର ମୃତ୍ୟୁ ସଂଗ୍ରାମର ଜୁଏହୁଳାକେ ପାଏନ୍ ଛିଟ୍‌ଲା ଲେଖେଁ ଥିଲା ।

ଇ ସଂଗ୍ରାମନେ ଭଟଲି ବ୍ଲକ୍‌ର ଖରସଲ ଗାଁର ଜମିଦାର ଦିଆଲ ସରଦାରଙ୍କର ଭୂମିକା କିଛି କମ୍ ନାଇଁଥାଇଁ । ୧୮୫୮ ମାର୍ଚ୍ଚ ୩ ଦିଆଲ ସରଦାରକେ ସମଲପୁରେ ଫାଶି ଦିଆଗଲା । ତାଙ୍କର ଦୁଇ ସନ୍ତାନ ଗର୍ଜନ ସିଂ ଆଉ ମର୍ଦନ ସିଂ କେ ଭଟଲି ପାଖର କେଶେଇପାଲି ନେ ଗୁଟେ ପିପଲ ଗଛେ ଝୁଲେଇ କରି ହତ୍ୟା କରାହେଲା । ସେ ଠାନ୍‌କେ ଫାଶିଦିଆମାଲ୍ ବଲି କୁହାଯାଏସି ।

୧୮୫୮ ସାଲେ ଭେଡ଼େନ୍ ଜମିଦାର କର୍ଣ୍ଣେଲ ଫୋଷ୍ଟାରଙ୍କର ଆକ୍ରମଣ ଥିଁ ନିହତ ହେଲେ ।

୧୮୬୪ ଜାନୁୟାରୀ ୨୩ ତାରିଖ ଫୁସ୍‌ପୁନି ପଶ୍ଚିମ୍ ଓଡ଼ିଶାର ଲୋକଙ୍କର ଲାଗିଁ ମଉଜମସ୍ତିର ଦିନ ସୁରେନ୍ଦ୍ରଙ୍କର ଜଣେ ପାଖର ଲୋକ ଦୟାନିଧି ମେହେର ଇଂରେଜ ସରକାର ପୁରସ୍କାର ଲୁଭେଁ ପଡି ବୀର ସୁରେନ୍ଦ୍ରକେ ଡେପୁଟି କମିଶନର କେପ୍‌ଟେନ୍ କେମ୍ବରଲେ (Camberlay) ହାତେଁ ବନ୍ଧା ପକାଲେ । ଭାରତର ପହେଲା ସ୍ୱାଧିନତା ସଂଗ୍ରାମର ଜୁଏ ହୁଳା ଲିଭିଗଲା । ସୁରେନ୍ଦ୍ର କେ ରାୟପୁର ନିଆଗଲା ସେସନ୍ (Session) କୋର୍ଟ ତାଙ୍କୁ ରାଜଦ୍ରୋହୀ ଘୋଷଣା କଲେ ଆଉ ୧୮୧୮ ଭାରତ ରକ୍ଷା ଆଇନ୍ ରେଗୁଲେସନ୍ ୩ ହିସାବେଁ ଆଜୀବନ ଜେଲ ସଜା ଦିଆହେଲା । ଅସୁରଗଡ଼ ଜେଲର ଅନ୍ଧାର କୁଠିନେଁ ସେ ଦେଖିବାର ଶକ୍ତି ହରାଲେ ଆଉ ୨୮ ଫେବୃଆରୀ ୧୮୮୫ ରେ ଜୀବନ ମାଁଟିର ମୁକ୍ତିର ଉଲ୍‌ଗୁଲାନର ଯଜ୍ଞନେ ଆହୁତି ଦେଲେ ।

ସବୁଠାନୁ ବଡ଼କଥା ଇଟା ଯେ ଭାରତର ପହେଲା ସ୍ୱାଧିନତା ସଂଗ୍ରାମ ୧୮୫୮ ତକ୍ ସବୁନୁ ଥମିତ ହୋଇସାରିଥିଲା । ହେଲେ ପଶ୍ଚିମ୍ ଓଡ଼ିଶାନେ ଉଲ୍‌ଗୁଲାନର ଜୁଏ ହୁଳା ୧୮୬୪ ତକ୍ ଜଳିଥିଲା । ହେଲେ ଇତିହାସରେ ଯେତ୍‌କି ଠାନ୍ ମିଲ୍‌ବାର୍ କଥା ସେତ୍‌କି ନାଇଁ ମିଳି ।

**ଆଇନ ବିଭାଗ ଛାତ୍ର,**
**ଦିଲ୍ଲୀ ବିଶ୍ୱବିଦ୍ୟାଳୟ**

**ବାଟ୍ ଦେଖେଇଥିବା ବହି ପତର୍:**

**ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମ (କୁମାର ହସନ)**
**ରକ୍ତତୀର୍ଥ ଘେଁସ ଓ ମାଧୋ ସିଂହ (ମୋହନ ସାହୁ)**
**ବୀର ସୁରେନ୍ଦ୍ର ସାଏ (ଦୀପକ କୁମାର ପଣ୍ଡା)**
**ଅଗ୍ନିପୁତ୍ର ସୁରେନ୍ଦ୍ର ସାଏ (ପ୍ର. ନାରାୟଣ ପୃଷ୍ଟେଠ୍)**
Bengal District Gazetter, LSS Omalley

## JUDGEMENT AGAINST SURENDRA SAI & OTHERS

**Judgement of the Sessions Judge,**
**J.G. Balmain, the Commissioner, Chhatisgarh**
Copy of Finding and sentence

The Crown versus I Soorundur Sahi and 13 others, in S.T. No.3 of 1864 in the Court of the Commissioner, Chhatisgarh Division, dated 23.08.1864.

The Court concurring with the assessors finds that i.Soorundur Sahi, ii. Oodun Sahi and vi. Khugesur Dao are guilty of the offence specified in the 1st charge, viz, that Soorundur Sahi, Oodun Sahi and Khugeswur Dao have committed the offence of collecting arms, etc., with the intention of waging war against the Queen, and have thereby committed an offence punishable under section 122 of the Indian Penal Code and the Court sentences the said Soorundur Sahi, Oodun Sahi and Khugesur Dao to transportation for life with forfeiture of all their property.

Judgement against Surendra Sai & Others *(Original)*



The Court concurring with the assessors finds that iii. Droob Sahi, iv. Mehdnee Sahi, ix. Lokenath Gurtea, x. Serdakur Mullik, xii. Moortunja Panigeray, xiv. Jugbundoo Hota and (differing from the assessors), v. Miturban Sahi have committed the offence of abetment in collecting arms, etc., with the intention of waging war against Queen, and of concealing the same with intent to facilitate a design to wage war against the Queen and have thereby committed offences punishable under sections 122, 109 and 123 of the Indian Penal Code, and the court sentences the said Droop Sahi, Mehdnee Sahi, Miturban Sahi, Lokenath Gurtea, Serdakur Mallick, Moortunja Pangiray and Jugbundoo Hota to transportation for life with forfeiture of all their property. The Court concurring with the assessors finds that vii. Minkettun, viii. Mohun Dao (and concurring with Jugmohun Dajo but differing Bhotey Lall Danee), x. Dhumee Misr and xiii. Pudnab Gooroo are guilty of the 3rd charge, viz, that Minkettun, Mohun Dao, Dharnee Misr and Pudnab Gooroo have Committed the offence of concealment of collecting arms, etc., with an intent to facilitate a design of waging war against the Queen and have thereby committed an offence punishable under Section 123 of the Indian Penal Code and the Court sentences the said Minkettun, Mohun Dao, Dhumee Misr and Pudnab Gooroo severally to seven years transportation.

The usual warrants to issue.

Sd/- J.G. Baiman
Commissioner
Chhatisgarh Division

Raipur
Dated 23rd June 1864

*[Ref: Sambalpur Itihas]*



# ଖାସି କପ୍ ନୁଁ ବିଶ୍ୱ କପ୍

ଡକ୍ଟର ସ୍ୱାତୀ ପାଣିଗ୍ରାହୀ

ଖାସି କପ୍ ନାଁ ଟା ଶୁନ୍‌ଲା ବେଲେ ବଡା ଅଡୁଆ ଲାଗୁଥିବା ନା ଯେ ଏ ବୁଆ ଇଟା ଫେର୍ କାଣା ଆଏ । ହଁ, ସଥେ ଇତାର ବିଷେଥି ଜାନ୍‌ବାର୍‌କେ ହେଲେ ପହେଲା ଯିବାର କେ ପଡ୍‌ବା ପଶ୍ଚିମ ଓଡିଆର ସେ ଛୋଟଟେ ଜିଲ୍ଲା, ଯେନ୍‌ଟା କି ପ୍ରାକୃତିକ ସମ୍ପତିଥି ଭର୍‌ପୁର ଥିଲେ ବି ଉଚିତ୍ ଉପଯୋଗ ଅଭାବନୁ ଆଝି ବି ଗୁଟେ ଅବହେଳିତ୍ ଅଂଚଲ ଭାବେ ଅଛେ, ଆଜିବି ବହୁତ ଲୋଗ ଗରିବର୍ ସୀମାରେଖା ତଲେ ବଂଚୁଛନ । ହେଲେ ସେହି ଆଦିବାସୀ ଭର୍‌ପୁର୍ ଅଂଚଲଟା ଭାରତକେ ଭେଟି ଦେଇଛେ ଗୁଟେ ପରେ ଗୁଟେ ନାମ୍‌କରା ହକି ଖେଲାଳୀ । ଇନର ଲୋକ ମାନେ ହକି ଲାଗି ଏତେ ପାଗଲ୍ ଆନ୍ ଯେ ଇନ ଛୁଆଟେ ବି ତାର ପହେଲା ଖେଲନା ହକି ବାଡି ବଲି ଜାନ୍‌ସି । ଆଉ ସେ ସୁନ୍ଦରଗଡର ଭବାନୀପୁର, ସୌନାମାର, ଲୁଲ୍‌କିଡିହି ବାଗିର ଛୋଟ ଛୋଟ ଗାଁନ ବରଷ ବରଷ ଧରି କରି ଗୁଟେ ନିଆରା ହକି ପ୍ରତି ଯୋଗିତାର ଆୟୋଜନ କରାହେସି । ପ୍ରତିଯୋଗିତାରେ ଭାଗ୍ ନେସନ ୧୨ ରୁ ୧୫ ବର୍ଷର୍ ପିଲାମାନେ । ଦୁଇଟା ଟିମ୍ ଗଠନ କରାହେସି । ଆଉ ଟିମ୍ ଦୁହିଟାକେ ବାଛି ହେବା ବଲି ଗୁଟେ ଟିମର ପିଲାମାନେ ପିଂଧିସନ୍ ବନିୟନ, ଆଉ ଗୁଟେ ଟିମ୍‌ର ପିଲେ ବିନା ବନିୟନ । ସଥେ କେଡେ ସରଲ୍ ଭାବେ ଦୁଇଟା ଦଲ୍‌କେ ଭାଗ କରି ଦେସନ, ନିଜର ସରଲ ବୁଦ୍ଧିଥି । ଆଉ ଇ ହକି ପ୍ରତିଯୋଗିତାକେ ଦେଖବାର ଲାଗି ଜମା ହେସନ୍ ବହୁତ ଲୋକ । ସବୁଥିରୁ ମଜାକଥା ହେଲା ଇ ଥି ଜିତ୍‌ଲା ବାଲା ଦଲ୍ ପୁରସ୍କାର ପାଏସନ୍ ଗୁଟେ ମୁଟା 'ଖାସି' (ମେଲ୍‌ଛା) ଆଉ ରନର୍‌ଅପ୍ ଦଲକେ ମିଲ୍‌ସି ଗୁଟେ 'କୁକୁରା' । ଇ ପୁରସ୍କାର ଟା ସେମାନଙ୍କର ଗର୍ବ ଆଉ ବୀରତାର ଚିହ୍ନା ଆଏ । ଏନ୍ତାହି ଇ ଆଦିବାସୀ ଜାତିର ଯଦି ଟୁକେଲ ଗୁଟେ ଲାଗି ପିଲାଟେ ଖୁଜା ହେଲା ବେଲେ ତାର ପାଖେ କେତେ ଗାଏ, ବଲଦ୍, ଜମି ଅଛେ ନାଇଁ ଦେଖିକରି ତାରନୁ ସେ ଇ ହକି ଖେଲଥି କେତେଟା ଖାସି ଜିତିଛେ, ସେଟା ବେଶୀ ଦେଖାଯାଏସି । ଇନୁ ଜନା ପଡୁଛେ ହକି ଟା ଇମାନଙ୍କର ଲାଗି ଗୁଟେ ଖେଲ୍ ନୁହେଁ, ଇ ମାନଙ୍କର ମା' ଆଏ, ଇ ମାନଙ୍କର ଭଗବାନ ଆଏ, ସ୍ୱାଭିମାନ ଆଏ ।

ସୁନ୍ଦରଗଡର ବହୁତ ଛୋଟ ଛୋଟ ଗାଁ ମାନଙ୍କରନୁ ପଦ୍ମ ଫୁଟଲା ଲେଖେ ବାହାରି ଆସିଛନ ବହୁତ ନାମକରା ପ୍ରସିଦ୍ଧ ମହିଳା ହକି ଖେଲାଳି । ଜେରିନା ତିର୍କୀ, ଆଶା କେର୍‌କେଟା ଏନ୍ତା ବହୁତ ଜନ୍ ଉଭ୍‌ରୁଥିବା ହକି ଖେଲାଳି ଅଛନ୍ । ଯେନ୍‌ମାନେ ଶୁଇଲା ବସ୍‌ଲା






ବେଲେବି ଗୁଟେ ନ ସପନ ଦେଖ୍‌ସନ୍ ଯେ, ହକି ଖେଲି କି ଭାରତର୍ ନାଁ ରୋଶନ କର୍‌ବାର ଲାଗି । ସେମାନେ ବି ସେ ରାସ୍ତାରେ ଚାଲବାର୍‌କେ ଚାହୁଁଛନ୍ ଯେନ୍‌ଥିରେ ଯାଇକରି ଦିଲୀପ ତିର୍କୀ, ଲାଜାରୁସ୍ ବାର୍ଲା, ସୁଭଦ୍ରା ପ୍ରଧାନ, ବିନିତା ଟପ୍ପୋ ଲେଖେ ଗୁଟେ ପରେ ଗୁଟେ ଖେଲାଲୀ ସୁନ୍ଦରଗଡର ନାଁ ରଖିଛନ । ଦୁନିଆଁ ଥି ନାଁ କମେଇଛନ୍, କେତେ ଗଉରବ ଆନିଛନ୍, ଦେଶର ମାନ୍ ରଖିଛନ୍ । ଆଉ ସେମାନଙ୍କର ଭିତ୍‌ରୁ ୮୦% ହେଉଛନ ଇ ସୁନ୍ଦରଗଡର, ଯେନ୍‌ଟାକି ଆଜି ହକି ଜିଲ୍ଲା ଭାବେ ଗଣା ହେଉଛେ । ଇନ ଛୁଆମାନଙ୍କର ବହି ବସ୍ତାନୀ ସାଙ୍ଗେ ସାଙ୍ଗେ ଆଉ ଗୁଟେ ଜିନିଷ ବି ସ୍କୁଲକେ ଧରିକରି ଯିବାର ନିହାତି ଜରୁରୀ ଆଏ, ଆଉ ସେଟା ହେଉଛେ ହକି ବାଡି । ସ୍କୁଲର ପାଠପଢା ସରଲାପରେ ହକି ଅଭ୍ୟାସ କର୍‌ବାର କେ ହିଁ ପଡ୍‌ସି । ଇଟା ଜାନ୍‌ବାର ମୁସ୍‌କିଲ ଆଏ ଜେ, କେଭେ ଆଉ କିଏ ଇନ ହକିଟା ଆରମ୍ଭ ହେଲା । ହେଲେ ଆଗର ସମିଆଁ ଥି ହକି ବାଡି ବଦ୍‌ଲା ଥିଲା ବାଉଁଶ ବାଡି ଆଉ ଚିରାବସ୍ତା, ଜରି କେ ରଶିଥି ଗୁରେଇ କରି ବନା ହେଉଥିଲା ବଲ । ହେଲେ ଆଏଜ ସମିୟା ସାଙ୍ଗେ ସବୁ ବଦଲି ଗଲାନ । ମାଁ, ବାପା, ସଚେତନ ହେଲେନ, ଛୁଆ ମାନକର ଲାଗି ଯେନ୍ତା କରି ହେଲେ ହକି ବାଡି ଟେ ଯୁଗେଇ ଦେବାର ଚେଷ୍ଟା କରୁଛନ । ଇଟା ଗୁଟେ ଆଦୀବାସୀ ବହୁଲ ଜିଲ୍ଲା ଆଏ, ଲୋକ୍‌ମାନେ ବେଶୀ ପଢାଲେଖା ନାଇ ଥାଇ କରି ବି, ଝି ପୋ ଭିତରେ ଭେଦଭାବ ନାଇ ରଖିକରି ସମକର ଲାଗି ସେମାନେ ଦେଖସନ ସେ ଗୁଟେ ହି ସପନ୍, ଯେ ମୋର ଛୁଆ ବଡ୍ ହେଇକରି ଭାରତ୍ ଲାଗି ଜାତୀୟ ଆଉ ଆନ୍ତର୍ଜାତୀୟ ଦଲ୍‌ଥି ଖେଲବା ବଲି । ଆଉ ହେଥିରଲାଗି ଆଜି ସୁନ୍ଦରଗଡ ଭେଟି ଦେଇଛେ ୫୦ ଜଣ ଜୁନିଅର ଆଉ ସିନିଆର ଖେଲାଲୀ ଆମର ହକି ଟିମ୍‌ରେ ଦୁହି ପୁରୁଷ ଆଉ ମହିଲା ସ୍ତରଥି । ଆଉ ଯେତେବେଲେ ଝିଅମାନେ ହକି ଖେଲୁଛନ, ମା, ବାପା, ଭାଇ, ବରମାନେ, ପଡିଆଥି ଠିଆ ହେଇକି ତାଲିପିଟିକି ଆଉରି ପ୍ରୋତ୍ସାହିତ କରୁଛନ୍ । ସରକାର ବି କରିଛେ ଖେଲ ଛାତ୍ରବାସ ସୁନ୍ଦରଗଡ, ରାଉରକେଲା ଆଉ ପାନ୍‌ପୋଷଥି । ହେଲେ ଏତ୍‌କି ଟା କାଣା ଯଥେଷ୍ଟ ଆଏ । କେତେ ଦିନ୍ ଆଗରୁ ଖବର କାଗଜ୍ ପଢିଥିଲି ଯେ ଭୁବନେଶ୍ୱର ଥି ହେବା ଗୁଟେ ଟାଟା ହକି ଏକାଡେମୀ, ଇଟା ବୁଝି ନାଇ ହେଲା ଯେନ୍ ଜାଗା ଏତେଟେ ହକି ଖେଲାଲୀ ଦେଉଛେ, ତାର ଆଶେ ପାଶେ ନାଇ କରିକି ଭୁବନେଶ୍ୱରରେ କର୍‌ବାର କେତେ ଯେ ଯୁକ୍ତିଯୁକ୍ତ ଆଏ, ବୁଝି ନାଇଁ ହେଲା ସର୍‌କାର ଇ କାମ୍‌ମାନେ ଦେଖିକି ଲାଗିସି ଆମର୍ ପଶ୍ଚିମ ଓଡିଶା କେତେ ଯେ ଅବହେଳିତ ଆଏ । ଆଏଜ୍ ତକ ଗୁଟେ ଜାତୀୟ କି ଆନ୍ତର୍ଜାତୀୟ ହକି ମେଚ୍‌ଟେ ସୁନ୍ଦରଗଡ ଥି ନାଇଁ ହେବାର୍‌ଟା ବଡା ଦୁଃଖର କଥା । ଆର୍ନ୍ତଜାତୀୟ ହକି ଷ୍ଟାଡିୟମ ବି ନାଇଁନ, ହକି ଏକାଡେମୀ କଟକ ଥିଁ ରଖିଛନ । ଆମର ଅଂଚଳର ଉନ୍ନତି ଲାଗି ଆମ୍‌କେ ହିଁ ଅଂଟାଭିଡି କି ଆଗ୍‌କେ ବଢବାରକେ ପଡବା । ସୁନ୍ଦରଗଡଥି ଯଦି ଗୁଟେ **‘Sports University’** ଟେ ହେଇ ପାର୍‌ତା, ତ ଆମର ପିଲାମାନେ ଆହୁରି ସୁବିଧା ସୁଯୋଗ ପାଇ ପାରତେ । ଗୁଟେ ଦିନ୍ ଥିଲା ଇ ସୁନ୍ଦରଗଡର ପାଂଚ ଜନ୍ ଭାରତ୍‌ର ହକି ଟିମ୍‌ରେ ଥିଲେ ହେଲେ ଆଜି ସେ ସଂଖ୍ୟା କମି କମି ଆସୁଛେ । ଇଟା ସଥେ ଗୁଟେ ଦୁଃଖର କଥା ।

ଆମର ସୁନ୍ଦରଗଡେ ହକି କେ ବଁଚାବାର କେ ହେଲେ ଆମ୍‌କୁ ସଚେତନ୍ ହେଇକରି ସରକାର ଠାନେ ଜୋରଦାର ଲାଗବାର୍ କେ ପଡ୍‌ବା, ଆମକୁ ମାନକୁ ହିଁ ଲାଗବାର୍ କେ ପଡବା ଆମର ମାଟିର ଖେଲ, ଜାତୀୟ ଖେଲ ହକି କେ ବଁଚାବାର ଲାଗି, ନାଇଁ ହେଲେ ଏନ୍ତା ଦିନ୍ ଆସ୍‌ବା ସେ ସୁନ୍ଦରଗଡ, ହକି ଜିଲ୍ଲାଭାବେ ନାଁ ହରେଇ ଦେବା ।

ଯୁବ ଗବେଷିକା,
ଆଇ.ଆଇ.ଆଇ.ଟି, ହାଇଦ୍ରାବାଦ



# ହଜି ଯାଉଛେ ପଶ୍ଚିମ ଓଡିଶାର ପାରମ୍ପାରିକ ଲୋକକଲା

ଚୌଧୁରୀ ବିଭାର

ପଶ୍ଚିମ ଓଡିଶା ବା କୋସଲାଂଚଲର ଲୋକକଲା ଖାଲି ମନୋରଂଜନ ଲାଗି ନୁହେଁ ସେ ବରଂ ନିଜର ଜନ୍‌ଜୀବନର ସୁଖଦୁଃଖ, ସାମାଜିକ ସ୍ଥିତି ଆରୁ ଚଲ୍‌ନି ର ଜିତାଁଜାଗତା ମେର୍‌ଖୁଟା ଆଏ । ହେଲେ ଆର୍ ନାଇଁନ ସେଦିନ । ସମିଆ ଆରୁ, ରୁଚି ସତେ ଜେନତା ସବୁକିଛିକେ ବଦ୍‌ଲେଇ ଦେଇଛେ । ସାଇବର କାଫେନେ ଚାଟିଂର ଭିଡ୍ ଆର୍ ଟେଲିଭିଜନ୍‌ର ରିଅଲିଟି ସୋ ଭିତ୍‌ରେ ପରିବର୍‌ତିତ୍ ଇ ସମିଆ ଯେନ୍‌ତା ଲୋକ୍‌କଲାକେ ଠେଲି ଦଉଛେ ଉଆଁସ ରାତିର ଅନ୍ଧାରକେ । ବାଟ ନାଇଁ ପାଏବାର ଇନୁ ମୁକ୍‌ଲିବାର କେ । ଆଧୁନିକ ମୁନୁଷ ହଜେଇ ଦଉଛେ ଅତି ନିଜର୍ ଲୋକକଲାକେ ।

ଶରାବନର ଝରି ଝକେର ବରଷାରେ ଆରୁ ନାଇଁ ଶୁଭ୍‌ବାର ହଲିଆଗୀତ.. ନାଇଁ ଶୁଭବାର ଆର୍ ଗାଁ ଖୁଇଲ ଥୁଁ ଘୁବୁକୁଡୁ ଚାଂଗ ଚାଂଗ... ପଏସାଟାକେ ପତ୍‌ରେ ଭାଂଗର ବୋଲ । ଖରାମାସେ ବରଗଛ ତଲେ, ଗୁହାଲେ ଭାଗବତ ପୁରାଣ ପଢା, ବିହାଘରେ ଦେଖବାର୍ କେ ନାଇଁ ମିଲବାର ଆରୁ ନଚ୍‌ନିଆଁ ମାନ୍‌କର ନାଚ୍ ଗାନା ସତେ ଯେନ୍‌ତା ଡିଜେ ସୁରେ ସବୁ କେନ୍ ଠାନେ ହଜିଯାଇଛେ । ଇହାଦେର୍ ପିଲାମାନେ ଇ ଲୋକକଲାକେ ବୁଝି ନାଇଁ ପାର୍‌ବାର । ଦାସ୍‌କାଠିଆ, ପାଲା, ବାହାକ୍ (ସଂଚାର) ଧିରେ ଧିରେ ହଜ୍‌ବାରକେ ଲାଗିଛେ । ଇ ସବୁ ସଂଗୀତ ଧର୍ମୀ ଭକ୍ତି ରସେ ଭରା ନୃତ୍ୟନାଟିକା ଖାଲି ଯେ ଲୋକମାନ୍‌କର ଭିତ୍‌ରେ ଆଧାମିକ୍ ଚେତନା ଜଗାସି ସେଟା ନାଇଁ ସେ ବରଂ ସମ୍‌କୁଁ ଗୁଟେ ଭାବେ ବାନ୍ଧିଁ ରଖିସି । ହେଲେ ଇ ଲୋକ୍‌କଲା ଇହାଦେ ଇତିହାସ ପାଲ୍‌ଟିବାର କେ ବସ୍‌ଲାନ । ଘୁଡ୍‌କି, କରମା, ଧୁନ୍‌କେଲ, ସାଂରଗାଁ, ଘୁଁ ଘୁଁ ନାଦିଆ, ସରମଙ୍ଗଲା, ଡମ୍‌ରୁ, ଗଣାବଜା, ଗୌରବାଡି, ରାମ ପର୍‌ସୁରାମ, କଷ୍ଟଗୁରୁ, ଡଁଣା ଆଦିର ସୁର୍‌ମାନେ ମଉଲି ଯାଇଛେ ।

ବନ୍‌ବାସୀ ମାନ୍‌କର କଥା କେ ନେଇକରି ଲୋକକଲାର ଆର୍‌ଗୁଟେ ବଢିଆଁ ରଚନା 'ଷୋଲହ ସୁଆଁଗ' ଡଣ ନାଟ । ପର୍‌ଭା, ଶବର-ଶବରେନ, ପତରସଉଁରା, ବିଣାକାର, ଡଁଣ ନାଟେ ଛାଡିଦେଲେ କବି ସୁଆଁଗ ଆରୁ ଦେଖ୍‌ବାର କେ ନାଇଁ ମିଲ୍‌ବାର ଯେନ୍‌ଟା ମେଟି ଯିବାରକେ ବସ୍‌ଲାନ । ଆର୍ ଲିଲା ଡଁଣ୍ କଥା ନାଇ କହେବାରଟା





ଠିକ୍ ହେବା: ପାରମ୍ପାରିକ ରାଗ, ଗୀତ୍, ଛନ୍ଦ ଆରୁ ନାଚ୍‌ରେ ଭରପୁର ଥିବା ଲୀଲା ଡଁଣ ସେଟା ସବୁ ସିନେମାର ଆରୁ ସମ୍ବଲପୁରୀ ଗୀତରେ ଆଧାରିତ୍ । ପଶ୍ଚିମ ଓଡିଶାର ଲୋକଜୀବନରେ ବିଶେଷ ନାଁ କରିଥିବା ଡାଲଖାଇ ହଉଛେ ଗୀତ ଆର୍ ଲୋକ୍‌ନାଚ୍ ର ଗୁଟେ ସମ୍ମିଳିତ ପରପଂରା ଆଏ । ହେଲେ ସମିଆର ଚକାଥିଁ ମୁଳ ଡାଲକାଇ ନାଚ ହଜିବସଲା ବେଲ୍‌କେ କେତେକ ସାଂସ୍କୃତିକ ଅନୁଷ୍ଠାନ ଆରୁ କଲାକାର ଖାଲି ମଂଚ କି ଉତ୍ସବରେ ବଂଚେଇ ରଖବାର ପ୍ରୟାସ କରୁଛନ । ସେନ୍‌ତା ସୋନପୁର ଗଡ୍‌ଜାତର ବାଡିଖେଲ ଗୁଟେ ଗଉଡମାନକର ନାଚ୍ ଆଏ । ହାତେଁ ଲମର କେନ୍ଦୁବାଡିକେ ଦୁଇ ହାତେ ଦୁଇଟା ବାଡି, ସେଟାକେ ନେଇକରି ଭିନ୍ ଭିନ୍ ରକ୍‌ମେ ନାଚ୍ ଦେଖାସନ । ନାଚର ତାଲେ ତାଲେ କଲାକାର ମାନେ ନିଜର ପୂର୍ବସୁରୀ ମାନକର ପରମ୍ପରା, ସଂସ୍କୃତି ଆର୍ ବୀର ଗାଥା କେ ମନେ ପକାସନ । ହେଲେ ଏବେ ବାଡିଖେଲ ଦେଖବାର କେ ବହୁତ କମ୍ ମିଲୁଛେ ଆରୁ ଡିସ୍କୋ ବଜାର ତାଲେ ତାଲେ ମୁର୍‌ତି ବିସର୍ଜନ ବେଲ୍‌କେ ନାଚୁଛନ । କଲାହାଣ୍ଡିର ଘୁମ୍‌ରା ଗୁଟେ ବୀର ବାଦ୍ୟ ଆଏ । ରାଜତନ୍ତ୍ର ଲୋପ୍ ପାଏଲା ପରେ ଇ ଯୁଦ୍ଧ ବଜା ଗୁଟେ ପରକାରେ ଦବି ଯାଇଛେ । ଆମର ଲୋକକଲା ଥିଁ ଆଦିବାସୀ ବଜା ଆରୁ ନାଚର ଅଲଗା ପଏଚାନ ଅଛେ । ଶିଁଘବଜା, ଢୁଂଗ ଢୁଂଗା ଇହାଦେ ହଜି ବସ୍‌ଲାନ । ଆମର ଅଂଚଳର ବଏଁଶୀ, ଠିକ୍‌ଡି, ଢୋଲକି, ଗୋପୀଯନ୍ତ୍ର, ସାରଗାଁ ଲୋକ ବଜା ଭିତରୁ ଧୁନ୍‌କେଲ ବଜା ସାଧାରଣ ବେଭାର ଜିନିଷ କେ ନେଇକରି ବନୁଥିଲେ ବି ଦେବାଦେବୀ ପୀଠ, କଲ୍‌ସୀ ଆଦି ନ ଥାପ୍‌ନା ହେସି, ବିନା ଧୁନ୍‌କେଲ ଗୀତ ଆରୁ ବଜାରେ ସେଟା ପୁରା ନାଇଁ ହୁଏ । ହେଲେ ଆଏଜ୍‌କାଲି ସେଟା ଦେଖ୍‌ବାରଟା ମୁସ୍କିଲ ଆଏ ।

କୋସଲାଂଚଲର ସଂସ୍କୃତି ଆରୁ ପରଂପରା ସାରା ଜଗତ ଲାଗି ନିଆର ଆଏ । ପ୍ରାଚୀନ କାଲ ନୁଁ ନାଚ୍, ଗୀତ୍ ଆର ସଂଗୀତ ଇ ଅଂଚଲର ଲୋକ୍ ଜୀବନର ଅଂଗ ଆଏ । ଆମର ଭିନ୍ ଭିନ୍ ଅଂଚଲ ଥିଁ ଥିବାର କନ୍ଦାକଟା ଗୀତ, ଚ୍‌ପକରାଟି, ଜାଇଫୁଲ, ଢାପ, ବଜନିଆଁ, ନିଆଲିମଲି, ବରିଆ, ବାଂଗରୀ, ଭମରା, ମାଏଲାଜଡ, ରସର୍‌କେଲି, ଲହକି, ଲେଲେ ଲହରୀ, ହୁମୋବଉଲୀ ଆଦି ଲୋକମାନକର ହୁରୁଦ୍ କେ ଭେଦି ଯଉଥିବାର ଲୋକଗୀତ ହଜି ବସ୍‌ଲାନ । ପରମ୍ପରା ହିସାବେ ଇ ଲୋକଗୀତ୍ ଭିନ୍ ଭିନ୍ ସମିଆକେ ନେଇ କରି ଗାଉଥିଲେ ହେଲେ ଇହାଦେ ଖାଲି ଜିଲ୍ଲା ମୋହତ୍ସବ ମାନକୁ କେନ କେନ୍‌ତା ଦେଖ୍‌ବାରକେ ମିଲୁଛେ ।

ଲୋକକଲା ଆରୁ କଲାକାର ମାନକୁ ପ୍ରୋତ୍ସାହନ ଦେବାର ଲାଗି ସର୍‌କାର ଗଢିଛନ ଜିଲ୍ଲା କଲା ସଂସ୍କୃତି ସଂଘ ଆର୍ ବ୍ଲକ କଲା ସଂଘ । ନିୟମ ରହିଛେ ପ୍ରାଚୀନ ଲୋକକଲାର ପୁନ୍‌ରଉଦ୍ଧାର କରିକିନା ଲୋକକଲାକେ ବଁଚାବାର ଲାଗି, ତାର ଉନ୍ନତି ଲାଗି । ହେଲେ ଆଏଜ ପତେ ସରକାର ସଫଲ ନାଇଁ ହେଇପାରି । ଖାଲି ଭୂବନେଶ୍ୱର ନେ ୩ ଦିନିଆଁ ରାଜ୍ୟସ୍ତରୀୟ ଲୋକନୃତ୍ୟ ଆରୁ ଗୀତ ଉତ୍ସବ କରୁଛନ ଯେନ୍‌ଠାନେ କି ମୁହୁରୀ, ମାଏଟ ତାସା, ଢୋଲ, ନିସାନ, ଝୁମ୍‌କା ବାଜାବାର ବଦ୍‌ଲା ଇଲେକ୍ଟ୍ରୋନିକ ଗିଟାର, ପେଡ ଆରୁ କିବୋର୍ଡ ବାଜୁଛେ । ଆମର ମାଏଟ ଲୋକକଲା ସଂସ୍କୃତିର ମାଏଟ ଆଏ । ଆମର ସମ୍‌କର ଦାୟିତ୍ୱ ଆଏ ଇଟାକେ ବଂଚାବାର୍‌ଟା, ଇତାର ଉନ୍ନତି କର୍‌ବାରଟା । ଯଦି ଇଟାକେ ଆଦର୍ ନାଇଁ କରମାଁ ଏଡେ ସୁନ୍ଦର ଲୋକକଲା ସଂସ୍କୃତି କେନ୍ ଆଡେ ହଜି ଯିବା ଜେ କେଜାନେ ।

**ଜୁନିୟର ଫେଲୋ ଆରୁ ଲୋକକଲା ଗବେଶକ**
**ପଏଁରୀ, ସୁବର୍ଣ୍ଣପୁର**



କଥାନି

# ଆଏଁଖ

କ୍ଷେତ୍ରବାସୀ ନାଏକ

**ଇହାଦେ ସାମ୍ବାଦିକତା କରୁଥିବାର କ୍ଷେତ୍ରବାସୀ ନାଏକ ତାଙ୍କର କଥାନି ବହି 'ଦାଦନ' ଲାଗି ୨୦୧୩ନେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଛନ । ତାଂକର ସଂପାଦନା ଥି ବାହାରସି ନବନୀତା ପତ୍ରିକା ।**

୧

